रजिस्ट्री सं० डी० एल०—(एन)04/0007/2003—05 REGISTERED NO. DL—(N)04/0007/2003—05

भारत का राजपत्र
The Gazette of India

असाधारण
EXTRAORDINARY
भाग II — खण्ड 1
PART II — Section 1
प्राधिकार से प्रकाशित
PUBLISHED BY AUTHORITY

# ଭାରତର ଗେଜେଟ୍

## ଅସାଧାରଣ

## ଭାଗ - II, ଖଣ୍ଡ - I

## ପ୍ରାଧିକାର ଦ୍ୱାରା ପ୍ରକାଶିତ

**ସଂଖ୍ୟା - ୪୮, ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର, ୭, ୨୦୦୫/ଭାଦ୍ର ୧୬, ୧୯୨୭**

---

## ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ (ବିଧାୟୀ ବିଭାଗ)

## ନୂଆଦିଲ୍ଲୀ, ୭ ସେପ୍ଟେମ୍ବର ୨୦୦୫ / ଭାଦ୍ର ୧୬, ୧୯୨୭ (ଶକ)

ସଂସଦରେ ଗୃହୀତ ନିମ୍ନୋକ୍ତ ଆଇନ୍‌ଟି ୫ ସେପ୍ଟେମ୍ବର ୨୦୦୫ ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି ଏବଂ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯାଉଛି ।

# ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍, ୨୦୦୫

## କ୍ରମାଙ୍କ ୪୨, ୨୦୦୫

***୫ ସେପ୍ଟେମ୍ବର, ୨୦୦୫***

ଦେଶର ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରତି ପରିବାର, ଯାହାର ସାବାଳକ ସଦସ୍ୟମାନେ ସ୍ୱେଚ୍ଛାରେ ଅଣକୁଶଳୀ ଶାରୀରୀକ ଶ୍ରମ କରିବାକୁ ଆଗ୍ରହୀ ହେବେ, ସେମାନଙ୍କୁ ପ୍ରତି ଆର୍ଥିକ ବର୍ଷରେ ଅନ୍ୟୂନ ୧୦୦ ଦିନର ସୁନିଶ୍ଚିତ ମଜୁରୀ କାମ ଯୋଗାଇ ଦେଇ ତଦ୍ୱାରା ସେମାନଙ୍କ ଜୀବିକାର ନିରାପତ୍ତାରେ ଅଭିବୃଦ୍ଧି ଘଟାଇବା ତଥା ଏହାର ସଂପର୍କୀତ ଏବଂ ଆନୁଷଙ୍ଗିକ ବ୍ୟାପାରଗୁଡ଼ିକର ପ୍ରୟୋଜନକୁ ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ ଏହି ଆଇନ୍‌ଟି, ଭାରତୀୟ ପ୍ରଜାତନ୍ତ୍ରର ୫୬ତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ପ୍ରଣୟନ କରାଯାଉଛି ।

## ଅଧ୍ୟାୟ – ୧: ପ୍ରାରମ୍ଭିକ

**ସଂକ୍ଷିପ୍ତ ଶିରୋନାମା, ପରିସର ଏବଂ ପ୍ରାରମ୍ଭ**

**୧.** (୧) ଏହି ଆଇନ୍‌କୁ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ କୁହାଯାଇପାରେ ।

(୨) ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭାରତରେ ବିସ୍ତାର ଲାଭ କରିବ ।

(୩) ଏହା ସେହି ତାରିଖ ଠାରୁ ବଳବତ୍ତର ହେବ, ଯାହାକୁ କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ପ୍ରକାଶନ ପୂର୍ବକ ଧାର୍ଯ୍ୟ କରିଥିବେ; ବିଭିନ୍ନ ରାଜ୍ୟ ପାଇଁ କିମ୍ୱା କୌଣସି ଏକ ରାଜ୍ୟର ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନଭିନ୍ନ ତାରିଖ ଧାର୍ଯ୍ୟ କରାଯାଇପାରେ; ଏବଂ ଏଭଳି କୌଣସି ଏକ ବ୍ୟବସ୍ଥା ପରିପ୍ରେକ୍ଷିରେ ଆଇନ୍‌ର ପ୍ରାରମ୍ଭ କଥା ଉଠିଲେ, ଯଥାସ୍ଥିତି ସଂପୃକ୍ତ ରାଜ୍ୟରେ ବା ଅଞ୍ଚଳରେ ସେହି ବ୍ୟବସ୍ଥାଟି ବଳବତ୍ତର ହେବାର ଅର୍ଥରେ ହିଁ ତାକୁ ବୁଝିବାକୁ ପଡିବ:

**ପରନ୍ତୁ,** ପ୍ରାରମ୍ଭ ତାରିଖର ପାଞ୍ଚ ବର୍ଷ ମଧ୍ୟରେ ଏହି ଆଇନ୍‌ଟି ସେହି ସବୁ ଅଞ୍ଚଳରେ ଲାଗୁ ହୋଇସାରିଥିବ, ଯାହାକି ଏହାର ପରିସରଭୁକ୍ତ ।

**ସଂଜ୍ଞାମାନ**

**୨.** ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ ଆବଶ୍ୟକ କରୁନଥିଲେ, ଏହି ଆଇନ୍ ଅନୁଯାୟୀ–

(ଏ) **"ସାବାଳକ"** ବୋଇଲେ ଯେଉଁ ବ୍ୟକ୍ତିଙ୍କୁ ୧୮ ବର୍ଷ ବୟସ ହୋଇସାରିଥିବ ;

(ବି) **"ଦରଖାସ୍ତକାରୀ"** ବୋଇଲେ ଗୋଟିଏ ପରିବାରର ମୁଖ୍ୟ କିମ୍ବା ଅନ୍ୟ କୌଣସି ସାବାଳକ ସଦସ୍ୟ, ଯେକି ସ୍କିମ୍ ଅଧୀନରେ କର୍ମନିଯୁକ୍ତି ପାଇବା ନିମେନ୍ତ ଦରଖାସ୍ତ କରିଥିବେ ;

(ସି) **"ବ୍ଲକ"** କହିଲେ ଗୋଟିଏ ଜିଲ୍ଲା ଭିତରେ କେତେକ ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଞ୍ଚଳ ;

(ଡି) **"କେନ୍ଦ୍ରୀୟ ପରିଷଦ"** କହିଲେ ଗୋଟିଏ ଜିଲ୍ଲାରେ ସ୍କିମ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଧାରା ୧୦ର ଉପଧାରା-୧ ଅନୁଯାୟୀ ଗଠିତ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ;

(ଇ) **"ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ"** କହିଲେ ଗୋଟିଏ ଜିଲ୍ଲାରେ ସ୍କିମ୍‌କୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଧାରା ୧୪ ଅନ୍ତର୍ଗତ ଉପଧାରା ୧ ଅନୁଯାୟୀ ପଦନାମିତ ହୋଇଥିବା ରାଜ୍ୟ ସରକାରଙ୍କ ଅଧିକାରୀ ;

(ଏଫ) **"ପରିବାର"** କହିଲେ ଗୋଟିଏ କୁଟୁମ୍ବର ସଦସ୍ୟମାନେ, ଯେଉଁମାନେ କି ଯେଉଁମାନେ ରକ୍ତଗତ, ବୈବାହିକ ବା ପୋଷ୍ୟଗ୍ରହଣ ଭିତ୍ତିରେ ପରସ୍ପର ସହ ସଂପର୍କୀତ ହୋଇଥିବେ ଏବଂ ସାଧାରଣତଃ ଏକ ସଂଗରେ ରହୁଥିବେ, ଏକାଠି ଖାଉଥିବେ ବା ଗୋଟିଏ ରେସନ୍ କାର୍ଡ ବ୍ୟବହାର କରୁଥିବେ ;

(ଜି) **"କାର୍ଯ୍ୟକାରକ ସଂସ୍ଥା"** କହିଲେ କେନ୍ଦ୍ର ବା ରାଜ୍ୟ ସରକାରଙ୍କର କୌଣସି ବିଭାଗ, ଗୋଟିଏ ଜିଲ୍ଲା ପରିଷଦ, ମଧ୍ୟସ୍ତରୀୟ ପଞ୍ଚାୟତ, ଗ୍ରାମ ପଞ୍ଚାୟତ କିମ୍ବା ସ୍କିମ୍ ଅଧୀନସ୍ଥ କୌଣସି କାର୍ଯ୍ୟକୁ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକାର-ପ୍ରାପ୍ତ ହୋଇଥିବା ଅନ୍ୟ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ, ସରକାରୀ ଉଦ୍ୟୋଗ ବା ବେସରକାରୀ ଅନୁଷ୍ଠାନ ;

(ଏଚ୍) କୌଣସି ଅଞ୍ଚଳ ପରିପ୍ରେକ୍ଷିରେ **"ସର୍ବନିମ୍ନ ମଜୁରି"** କହିଲେ ସର୍ବନିମ୍ନ ମଜୁରି ଆଇନ୍, ୧୯୪୮ର ଧାରା ୩ ଅନୁଯାୟୀ ସେହି ଅଞ୍ଚଳର କୃଷି-ଶ୍ରମିକମାନଙ୍କ ପ୍ରଜୁଜ୍ୟ ସର୍ବନିମ୍ନ ମଜୁରି, ଯାହାକି ରାଜ୍ୟସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବ ;

(ଆଇ) **"ଜାତୀୟ ପାଣ୍ଠି"** କହିଲେ ଧାରା ୨୦ର ଉପଧାରା ୧ ଅଧୀନରେ ସ୍ଥାପିତ ହୋଇଥିବା ଜାତୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି ;

(ଜେ) **"ବିଜ୍ଞପ୍ତି"** କହିଲେ୍ ସରକାରୀ ଗେଜେଟ୍‌ରେ ପ୍ରକାଶିତ ହୋଇଥିବା ଏକ ବିଜ୍ଞପ୍ତି ;

(କେ) **"ମନୋନୀତ କାର୍ଯ୍ୟ"** କହିଲେ ସ୍କିମ୍ ଅଧୀନସ୍ଥ ସେହି କାର୍ଯ୍ୟ ଯାହାକି ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନ୍ୱୟନ ପାଇଁ ସ୍ଥିର ହୋଇଥିବ ;

(ଏଲ୍) **"ବିହିତ"** ବୋଇଲେ ଏହି ଆଇନ୍ ଅଧୀନରେ ପ୍ରସ୍ତୁତ କରାଯାଇଥିବା ନିୟମାବଳୀରେ ଯାହାକିଛି ବିହିତ ହୋଇଥିବ ।

(ଏମ୍) **"କାର୍ଯ୍ୟକ୍ରମ ଅଧିକାରୀ"** ବୋଇଲେ ସ୍କିମ୍‌କୁ କାର୍ଯ୍ୟାନ୍ୱୟନ କରାଇବା ପାଇଁ ଧାରା ୧୫ର ଉପଧାରା ୧ ଅନୁଯାୟୀ ନିଯୁକ୍ତ ଜଣେ ଅଧିକାରୀ ।

(ଏନ୍) **"ପ୍ରକଳ୍ପ"** ବୋଇଲେ ଦରଖାସ୍ତକାରୀମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ଉଦ୍ଦେଶ୍ୟରେ ସ୍କିମ୍ ଅଧୀନସ୍ଥ କୌଣସି ଏକ କାର୍ଯ୍ୟ ;

(ଓ) **"ଗ୍ରାମାଞ୍ଚଳ"** ବୋଇଲେ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍ ଅନୁଯାୟୀ ପ୍ରତିଷ୍ଠିତ ବା ଗଠିତ ହୋଇଥିବା ପୌର ସ୍ଥାନୀୟ-ସଂସ୍ଥା ବା କ୍ୟାଣ୍ଟନମେଣ୍ଟ ବୋର୍ଡର ପରିସରଭୁକ୍ତ ଅଞ୍ଚଳସବୁକୁ ଛାଡି ଗୋଟିଏ ରାଜ୍ୟର ଅନ୍ୟ ଯେ କୌଣସି ଅଞ୍ଚଳ ;

(ପି) **"ସ୍କିମ"** ବୋଇଲେ ଧାରା ୪ର ଉପଧାରା ୧ ଅନୁଯାୟୀ ରାଜ୍ୟସରକାରଙ୍କ ଦ୍ୱାରା ବିଜ୍ଞପ୍ତି ହୋଇଥିବା ଗୋଟିଏ ସ୍କିମ୍ ;

(କ୍ୟୁ) **"ରାଜ୍ୟ ପରିଷଦ"** ବୋଇଲେ ଧାରା ୧୨ର ଉପଧାରା ୧ ଅନୁସାରେ ଗଠିତ ହେଉଥିବା ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ;

(ଆର୍) **"ଅଣକୁଶଳୀ ଶାରୀରୀକ କାର୍ଯ୍ୟ"** ବୋଇଲେ ସେହି ଶାରୀରିକ କାର୍ଯ୍ୟ, ଯାହାକୁ କୌଣସି ଧୂରନ୍ଧରତା ବା ସ୍ୱତନ୍ତ୍ର ପ୍ରଶିକ୍ଷଣ ବିନା ଜଣେ ବୟସ୍କ ବ୍ୟକ୍ତି ସମ୍ପାଦନ କରିବାକୁ ସକ୍ଷମ ହୋଇପାରୁଥିବ ;

(ଏସ୍) **"ମଜୁରି ହାର୍"** ବୋଇଲେ ଧାରା ୬ରେ ସୂଚିତ ହୋଇଥିବା ମଜୁରି ହାର୍ ।

## ଅଧ୍ୟାୟ – ୨ : ଗ୍ରାମାଞ୍ଚଳରେ କର୍ମନିଯୁକ୍ତିର ଗ୍ୟାରେଣ୍ଟି

**ପରିବାରମାନଙ୍କ ପାଇଁ ଗ୍ରାମାଞ୍ଚଳ କର୍ମନିଯୁକ୍ତିର ଗ୍ୟାରେଣ୍ଟି**

**୩.** (୧) ଅନ୍ୟଥା ଉପବନ୍ଧୀତ ହୋଇଥିବା ବ୍ୟବସ୍ଥାକୁ ବାଦ ଦେଇ, ଗୋଟିଏ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ରାଜ୍ୟର ସମସ୍ତ ଗ୍ରାମାଞ୍ଚଳ କ୍ଷେତ୍ର ଗୁଡିକରେ ପ୍ରତ୍ୟେକ ପରିବାର, ଯାହାର ସାବାଳକ ସଦସ୍ୟମାନେ, ଅଣକୁଶଳୀ ଶାରୀରିକ ଶ୍ରମ କରିବା ପାଇଁ ସ୍ୱେଚ୍ଛାପୂର୍ବକ ଆଗେଇ ଆସିବେ, ତାଙ୍କୁ ଏହି ଆଇନ୍ ଅଧୀନରେ ପ୍ରଣୀତ ସ୍କିମ୍ ଅନୁଯାୟୀ ଏକ ଆର୍ଥିକ ବର୍ଷରେ ଅନ୍ୟୂନ ୧୦୦ ଦିନର କାମ ଯୋଗାଇ ଦେବେ ।

(୨) ପ୍ରତ୍ୟେକ ବ୍ୟକ୍ତି ଯିଏ କି ସ୍କିମ୍ ଅଧୀନରେ ତାଙ୍କୁ ଦିଆଯାଇଥିବା କାର୍ଯ୍ୟ ସମ୍ପାଦନ କରିଥିବେ, ସେ ପ୍ରତିଦିନର କାର୍ଯ୍ୟ ବାବଦରେ ମଜୁରି ହାର୍ ଅନୁଯାୟୀ ମଜୁରି ପାଇବା ନିମନ୍ତେ ହକ୍‌ଦାର ହେବେ ।

(୩) ଏହି ଆଇନ୍‌ରେ ଅନ୍ୟଥା ଉପବନ୍ଧୀତ ହୋଇଥିବା ବ୍ୟବସ୍ଥାକୁ ବାଦ୍ ଦେଇ, ଦୈନିକ ମଜୁରିର ବିତରଣ ସାପ୍ତାହିକ ଭିତ୍ତିରେ କରାଯିବ କିମ୍ବା କୌଣସି ପରିସ୍ଥିତିରେ ବି ଏହା କାମ କରିବାର ତାରିଖ ଠାରୁ ପନ୍ଦର ଦିନରୁ ବିଳମ୍ବ ହେବ ନାହିଁ ।

(୪) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର, ନିଜ ଆର୍ଥିକ କ୍ଷମତା ଓ ବିକାଶର ସୀମା ମଧ୍ୟରେ କୌଣସି ସ୍କିମ୍ ଅଧୀନରେ ଏକ ପରିବାରର ସମସ୍ତ ସାବାଳକ ସଦସ୍ୟଙ୍କୁ ଉପଧାରା (୧) ଅଧୀନରେ ଗ୍ୟାରେଣ୍ଟି ଦିଆଯାଇଥିବା ସମୟ-ପରିସର ଠାରୁ ଅଧିକ ସମୟ-ଅବଧି ପାଇଁ କର୍ମନିଯୁକ୍ତି ଯୋଗାଇ ଦେଇପାରିବେ, ଯଦି ତାହା ସମୀଚୀନ ମନେହୁଏ ।

## ଅଧ୍ୟାୟ – ୩: କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ସମୂହ ଏବଂ ବେକାରୀ ଭତ୍ତା

### ଗ୍ରାମାଞ୍ଚଳ ପାଇଁ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ସମୂହ

**୪.** (୧) ଧାରା ୩ରେ ବର୍ଣ୍ଣିତ ବ୍ୟବସ୍ଥାଗୁଡ଼ିକୁ ପ୍ରଭାବଶାଳୀ କରାଇବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଏହି ଆଇନ୍‌ର ପ୍ରାରମ୍ଭ ତାରିଖରୁ ୬ମାସ ମଧ୍ୟରେ ସ୍କିମ୍ ପ୍ରସ୍ତୁତ କରି ବିଜ୍ଞପ୍ତି ପ୍ରକାଶ କରିବେ, ଯାହାର ଉଦ୍ଦେଶ୍ୟ ହେଉଛି, ଏହି ସ୍କିମ୍‌ର ପରିସରଭୁକ୍ତ ଗ୍ରାମାଞ୍ଚଳରେ ଗୋଟିଏ ଆର୍ଥିକ ବର୍ଷରେ ପ୍ରତି ପରିବାରକୁ ଅତି କମ୍‌ରେ ୧୦୦ ଦିନର ସୁନିଶ୍ଚିତ କର୍ମନିଯୁକ୍ତି ଯୋଗାଇଦେବା, ଯେଉଁ ପରିବାରର ସାବାଳକ ସଦସ୍ୟମାନେ ଏହି ଆଇନ୍ ବା ସ୍କିମ୍ ଦ୍ୱାରା ବା ଅଧୀନରେ ଘୋଷିତ ସର୍ତ୍ତାବଳୀ ଅଧୀନରେ ରହି ଅଣକୁଶଳୀ ଶାରୀରୀକ କାର୍ଯ୍ୟ କରିବା ପାଇଁ ଦରଖାସ୍ତ ପୂର୍ବକ ନିଜର ଇଚ୍ଛା ପ୍ରକାଶ କରିଥିବେ ।

**ପରନ୍ତୁ,** ରାଜ୍ୟ ସରକାରଙ୍କ ଦ୍ୱାରା ଏପରି କୌଣସି ସ୍କିମ୍ ଯେପର୍ଯ୍ୟନ୍ତ ବିଜ୍ଞପ୍ତି ନହୋଇଛି, ସେପର୍ଯ୍ୟନ୍ତ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାର ବାର୍ଷିକ ଯୋଜନା କିମ୍ବା ପରିଦୃଶ୍ୟ ଯୋଜନା ଅଥବା ଜାତୀୟ କାମ ପାଇଁ ଖାଦ୍ୟ ଯୋଜନା, ଯାହା କି ବିଜ୍ଞପ୍ତି ପ୍ରକାଶନର ତୁରନ୍ତ ପୂର୍ବରୁ ସଂପୃକ୍ତ ଅଞ୍ଚଳରେ ବଳବତ୍ତର ଥିବ, ତାକୁ ଏହି ଆଇନ୍‌ର ଉଦ୍ଦେଶ୍ୟ ସାଧନ ଦୃଷ୍ଟିରୁ ସ୍କିମ୍‌ର କର୍ମଯୋଜନା ବୋଲି ମନେ କରାଯିବ।

(୨) ରାଜ୍ୟ ସରକାର ନିଜେ ପ୍ରସ୍ତୁତ କରିଥିବା ସ୍କିମ୍‌ର ସାରାଂଶକୁ ଅତି କମ୍‌ରେ ଏଭଳି ଦୁଇଟି ସ୍ଥାନୀୟ ଖବରକାଗଜରେ ପ୍ରକାଶ କରିବେ, ଯାହା ମଧ୍ୟରୁ ଗୋଟିଏ ଖବରକାଗଜ ସ୍ଥାନୀୟ ଭାଷାରେ ସ୍କିମ୍ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳ ବା ଅଞ୍ଚଳମାନଙ୍କରେ ପ୍ରସାରିତ ହେଉଥିବ ।

(୩) ଉପଧାରା ୧ ଅଧୀନରେ ପ୍ରସ୍ତୁତ ହୋଇଥିବା ସ୍କିମ୍‌ରେ ଅନୁସୂଚୀ ୧ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସର୍ବନିମ୍ନ ବୈଶିଷ୍ଟ୍ୟଗୁଡ଼ିକ ସ୍ଥାନିତ ହୋଇଥିବ ।

### କର୍ମନିଯୁକ୍ତିର ଗ୍ୟାରେଣ୍ଟି ପାଇଁ ସର୍ତ୍ତାବଳୀ

**୫.** (୧) ଅନୁସୂଚୀ ୨ ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସର୍ତ୍ତାବଳୀକୁ ପ୍ରତିହତ ନକରି, ରାଜ୍ୟ ସରକାର ଏହି ଆଇନ ଅଧୀନରେ କର୍ମନିଯୁକ୍ତିର ଗ୍ୟାରେଣ୍ଟି ପ୍ରଦାନ ପାଇଁ ସ୍କିମ୍‌ରେ ଆବଶ୍ୟକ ସର୍ତ୍ତାବଳୀକୁ ବିନିର୍ଦ୍ଦିଷ୍ଟ କରିବେ ।

(୨) ଏହି ଆଇନ୍ ଅନୁସାରେ ପ୍ରଣୀତ ଏକ ସ୍କିମ୍ ଅଧୀନରେ କାମ କରୁଥିବା କୌଣସି ବ୍ୟକ୍ତି ଏପରି ସବୁ ସର୍ବନିମ୍ନ ସୁବିଧାସମୂହର ହକ୍‌ଦାର ହେବେ, ଯାହା କି ଅନୁସୂଚୀ-୨ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସର୍ବନିମ୍ନ ସୁବିଧାସମୂହଠାରୁ ଊଣା ହୋଇନଥିବ ।

### ମଜୁରି ହାର୍

**୬.** (୧) ନ୍ୟୁନତମ ମଜୁରି ଆଇନ୍, ୧୯୪୮ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶନ ପୂର୍ବକ ଏହି ଆଇନ୍‌ର ପ୍ରୟୋଜନ ନିମନ୍ତେ ମଜୁରି ହାର୍ ବିନିର୍ଦ୍ଦିଷ୍ଟ କରିପାରିବେ ;

**ପରନ୍ତୁ,** ବିଭିନ୍ନ ଅଞ୍ଚଳ ନିମନ୍ତେ ଭିନ୍ନ ଭିନ୍ନ ମଜୁରି ହାର ବିନିର୍ଦ୍ଦିଷ୍ଟ କରାଯାଇପାରେ।

**ପୁଣି ପରନ୍ତୁ,** ସମୟାନ୍ତରରେ ବିଜ୍ଞପ୍ତି ଜରିଆରେ ଯେଉଁ ମଜୁରି ହାର ବିନିର୍ଦ୍ଦିଷ୍ଟ ହେବ, ତାହା ଦୈନିକ ୬୦ ଟଙ୍କାରୁ କମ୍ ହେବ ନାହିଁ ।

(୨) ରାଜ୍ୟର କୌଣସି ଅଞ୍ଚଳ ନିମନ୍ତେ କେନ୍ଦ୍ର ସରକାର ଯେ ପର୍ଯ୍ୟନ୍ତ ମଜୁରି ହାର ନିର୍ଦ୍ଧାରଣ କରି ନାହାନ୍ତି, ସେ ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରି ଆଇନ୍,୧୯୪୮ର ଧାରା ୩ ଅନୁଯାୟୀ କୃଷି ଶ୍ରମିକମାନଙ୍କ ନିମନ୍ତେ ରାଜ୍ୟ ସରକାର ଯେଉଁ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିଥିବେ, ତାହା ହିଁ ସେହି ଅଞ୍ଚଳ ପାଇଁ ପ୍ରଯୁଜ୍ୟ ମଜୁରି ହାର୍ ରୂପେ ବିବେଚିତ ହେବ ।

### ବେକାରୀ ଭତ୍ତା ବିତରଣ

**୭.** (୧) ସ୍କିମ୍ ଅଧୀନରେ କର୍ମନିଯୁକ୍ତି ପାଇଁ ଜଣେ ଦରଖାସ୍ତକାରୀ କର୍ମନିଯୁକ୍ତି ଆଶାକରି ସେ ଦେଇଥିବା ଦରଖାସ୍ତ ମିଳିବାର ୧୫ ଦିନ ମଧ୍ୟରେ ଯଦି କର୍ମନିଯୁକ୍ତି ନପାଆନ୍ତି କିମ୍ବା ଅଗ୍ରୀମ ଦରଖାସ୍ତ କ୍ଷେତ୍ରରେ ସେ ଯେଉଁ ତାରିଖରେ କର୍ମନିଯୁକ୍ତି ଚାହିଁଛନ୍ତି, ସେ ତାରିଖରୁ କର୍ମନିଯୁକ୍ତି ନପାଆନ୍ତି,

ତେବେ ଏହି ଦୁଇଟି ତାରିଖ ଭିତରୁ ଯେଉଁଟି ପରବର୍ତ୍ତୀ ହୋଇଥିବ, ସେହି ଦିନଠାରୁ ଏହି ଧାରା ଅନୁସାରେ ସେ ବ୍ୟକ୍ତିଟି ଦୈନିକ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ହେବେ ।

(୨) ଯୋଗ୍ୟତାର ମାନ ଓ ସର୍ତ୍ତାବଳୀ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଯାହା ବିହିତ ହୋଇଥିବ, ତଥା ଏହି ଆଇନ୍ ଓ ସ୍କିମ୍‌ର ବ୍ୟବସ୍ଥାସମୂହ ତଥା ରାଜ୍ୟ ସରକାରଙ୍କ ଆର୍ଥିକ କ୍ଷମତାକୁ ସାପେକ୍ଷ କରି, ଉପଧାରା (୧) ଅଧୀନସ୍ଥ ପ୍ରଦେୟ ବେକାରୀ ଭତ୍ତାକୁ ଗୋଟିଏ ପରିବାରର ପ୍ରାପ୍ୟ ଭିତ୍ତିରେ ସେହି ହାରରେ ପରିବାରର ଦରଖାସ୍ତକାରୀମାନଙ୍କୁ ପ୍ରଦାନ କରାଯିବ ଯାହାକୁ ରାଜ୍ୟ ସରକାର ରାଜ୍ୟ ପରିଷଦଙ୍କ ସହ ପରାମର୍ଶ ପୂର୍ବକ ବିଜ୍ଞପ୍ତି ଜରିଆରେ ବିହିତ କରିଥିବେ;

**ପରନ୍ତୁ,** ଏହି ହାର୍ ଗୋଟିଏ ଆର୍ଥିକ ବର୍ଷର ପ୍ରଥମ ୩୦ ଦିନ ପାଇଁ ମଜୁରି ହାର୍‌ର ଏକ ଚତୁର୍ଥାଂଶ ଠାରୁ କମ୍ ହେବ ନାହିଁ ଏବଂ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ-ଅବଧି ପାଇଁ ମଜୁରି ହାର୍‌ର ଅଧାରୁ କମ୍ ହେବ ନାହିଁ ।

(୩) କୌଣସି ଆର୍ଥିକ ବର୍ଷ ଭିତରେ ଗୋଟିଏ ରାଜ୍ୟ ସରକାରଙ୍କ ଦ୍ୱାରା ଗୋଟିଏ ପରିବାରର ସଦସ୍ୟମାନଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବାର ଦାୟିତ୍ୱ ଅବିଳମ୍ବେ ସମାପ୍ତ ହୋଇଯିବ, ଯଦି -

(ଏ) ଗ୍ରାମପଞ୍ଚାୟତ କିମ୍ବା କାର୍ଯ୍ୟକ୍ରମ ଅଧିକାରୀ ଦରଖାସ୍ତକାରୀଙ୍କୁ ନିଜେ କାମ କରିବା ପାଇଁ ହାଜର ହେବା ସକାଶେ ଅଥବା ତାଙ୍କ ପରିବାରର ଅନ୍ତତଃ କୌଣସି ଜଣେ ସାବାଳକ ସଦସ୍ୟଙ୍କୁ ଏଥିପାଇଁ ପ୍ରତିନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଅନ୍ତି ; କିମ୍ବା

(ବି) ଦରଖାସ୍ତକାରୀ ଯେଉଁ ସମୟ-ଅବଧି ପାଇଁ କର୍ମନିଯୁକ୍ତି ଚାହିଁଥିଲେ, ତାହା ଅତିବାହିତ ହୋଇଯାଇଥିବ, ଏବଂ ଦରଖାସ୍ତକାରୀଙ୍କ ପରିବାରର କୌଣସି ସଦସ୍ୟ କାମରେ ଯୋଗଦେବାକୁ ଆସି ନଥିବେ ;

(ସି) ଏକ ଆର୍ଥିକ ବର୍ଷ ଭିତରେ ଦରଖାସ୍ତକାରୀଙ୍କ ପରିବାରର ସାବାଳକ ସଦସ୍ୟମାନେ ଅନ୍ତତପକ୍ଷେ ମୋଟ୍ ୧୦୦ ଦିନରେ କାମ ପାଇ ସାରିଥିବେ ;

(ଡି) ଦରଖାସ୍ତକାରୀଙ୍କ ପରିବାର ମଜୁରି ଓ ବେରୋଜଗାରୀ ଭତ୍ତାକୁ ମିଶେଇ ସେତିକି ଉପାର୍ଜନ କରିପାରିଛନ୍ତି, ଯାହାକି ଗୋଟିଏ ଆର୍ଥିକ ବର୍ଷର ୧୦୦ଦିନର ମଜୁରି ସହ ସମାନ ।

(୪) ଜଣେ ଦରଖାସ୍ତକାରୀଙ୍କ ପରିବାରକୁ ପ୍ରଦେୟ ବେକାରୀ ଭତ୍ତାକୁ ମଞ୍ଜୁର କରିବାର ଦାୟିତ୍ୱ ସ୍ଥଳ ବିଶେଷରେ ସେହି କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ (ଜିଲ୍ଲା, ମଧ୍ୟବର୍ତ୍ତୀ ଓ ଗ୍ରାମ ସ୍ତରୀୟ ପଞ୍ଚାୟତଗୁଡ଼ିକ ସମେତ)ଙ୍କ ଉପରେ ନ୍ୟସ୍ତ ରହିବ, ଯାହାଙ୍କୁ ରାଜ୍ୟ ସରକାର ବିଜ୍ଞପ୍ତି ପୂର୍ବକ ପ୍ରାଧିକାର ପ୍ରଦାନ କରିଥିବେ;

(୫) ଉପଧାରା (୧) ଅଧୀନସ୍ଥ ପ୍ରତ୍ୟେକ ବେକାରୀ ଭତ୍ତାର ବିତରଣ କି ପ୍ରଦାନ ପ୍ରାପ୍ୟ ତାରିଖର ୧୫ ଦିନ ଠାରୁ ବିଳମ୍ବ ହେବ ନାହିଁ ।

(୬) ଏହି ଆଇନ୍ ଅଧୀନସ୍ଥ ବେକାରୀ ଭତ୍ତା ବିତରଣର ପ୍ରକ୍ରିୟାକୁ ରାଜ୍ୟ ସରକାର ବିହିତ କରିପାରନ୍ତି ।

**ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବେକାରୀ ଭତ୍ତା ବିତରଣ କରା ନଯିବା**

୮. (୧) ଯଦି କାର୍ଯ୍ୟକ୍ରମ ଅଧିକାରୀ ନିଜ ନିୟନ୍ତ୍ରଣ ବହିର୍ଭୁତ କୌଣସି କାରଣ ଯୋଗୁଁ ବେକାରୀ ଭତ୍ତା ବିତରଣକୁ ଠିକ୍ ସମୟରେ କିମ୍ବା ମୋଟେ କରି ନପାରନ୍ତି, ତେବେ ସେ ଏହି ବିଷୟ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଅବହିତ କରାଇବେ ଏବଂ ସଂପୃକ୍ତ କାରଣଗୁଡ଼ିକର ଘୋଷଣା ବହନ କରିଥିବା ଏକ ବିଜ୍ଞପ୍ତି ନିଜ ନୋଟିସ୍ ବୋର୍ଡରେ ତଥା ନିଜେ ଆବଶ୍ୟକ ମଣିବା ଅନୁଯାୟୀ ଗ୍ରାମ ପଞ୍ଚାୟତ ଏବଂ ଅନ୍ୟାନ୍ୟ ସୁଦୃଶ୍ୟ ସ୍ଥାନମାନଙ୍କରେ ପ୍ରଦର୍ଶନ କରିବେ ।

(୨) ବେକାରୀ ଭତ୍ତା ପ୍ରଦାନ କରାଯାଇ ନଥିବା କିମ୍ବା ବିଳମ୍ବରେ ପ୍ରଦାନ କରା ଯାଇଥିବା ପ୍ରତିଟି ବ୍ୟାପାର ସମ୍ବନ୍ଧରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରାଜ୍ୟ ସରକାରଙ୍କୁ ପ୍ରଦାନ କରୁଥିବା ବାର୍ଷିକ ବିବରଣୀରେ ଏତାଦୃଶ ଅଣ-ପ୍ରଦାନ ବା ବିଳମ୍ବିତ ପ୍ରଦାନର କାରଣମାନ ସହ ଉଲ୍ଲେଖ କରିବେ ।

(୩) ଉପଧାରା (୧) ଅଧୀନସ୍ଥ ସୂଚନା ଅନୁଯାୟୀ ସଂପୃକ୍ତ ପରିବାରକୁ ଯଥାଶୀଘ୍ର ବେକାରୀ ଭତ୍ତା ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ ।

**କେତେକ ନିର୍ଦ୍ଦିଷ୍ଟ ସ୍ଥିତିରେ ବେକାରୀ ଭତ୍ତାର ପ୍ରାପ୍ୟ ଉପରେ ଅଧିକାର ହରାଇବା**

୯. ଜଣେ ଦରଖାସ୍ତକାରୀ ଯିଏ କି-

(ଏ) କୌଣସି ସ୍କିମ୍ ଅଧୀନରେ ତାଙ୍କ ପରିବାରକୁ ଦିଆଯାଇଥିବା କର୍ମନିଯୁକ୍ତିକୁ ଗ୍ରହଣ ନକରନ୍ତି; କିମ୍ବା

(ବି) କାର୍ଯ୍ୟରେ ଯୋଗ ଦେବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ବା କାର୍ଯ୍ୟ କାର୍ଯ୍ୟକାରକ ସଂସ୍ଥାଙ୍କ ଠାରୁ ବିଜ୍ଞପ୍ତି ପାଇବାର ୧୫ ଦିନ ମଧ୍ୟରେ କାମ କରିବା ପାଇଁ ହାଜର ନହୁଅନ୍ତି; କିମ୍ବା

(ସି) ସଂପୃକ୍ତ କାର୍ଯ୍ୟକାରକ ସଂସ୍ଥାଠାରୁ ଅନୁମତି ନନେଇ ଏକ ସପ୍ତାହରୁ ଅଧିକ ଦିନ ପାଇଁ କାର୍ଯ୍ୟକ୍ଷେତ୍ରରୁ ଲଗାତାର ଅନୁପସ୍ଥିତ ରହନ୍ତି କିମ୍ବା କୌଣସି ଗୋଟିଏ ମାସ ଭିତରେ ମୋଟ୍ ଏକ ସପ୍ତାହରୁ ଅଧିକ ଦିନ ପାଇଁ ଅନୁପସ୍ଥିତ ରହନ୍ତି,

**ତେବେ,** ସେ ୩ମାସ ପାଇଁ ଏହି ଆଇନ୍ ଅଧୀନରେ ପ୍ରଦେୟ ବେକାରୀ ଭତ୍ତା ପାଇବା ପାଇଁ ଦାବୀ କରିବା ସକାଶେ ଯୋଗ୍ୟ ବିବେଚିତ ହେବେ ନାହିଁ, କିନ୍ତୁ ସ୍କିମ୍ ଅଧୀନରେ କର୍ମନିଯୁକ୍ତି ପାଇଁ ଯେ କୌଣସି ମୁହୂର୍ତ୍ତରେ ଆବେଦନ କରିବା ସକାଶେ ସେ ହକ୍‌ଦାର ହୋଇ ପାରିବେ।

## ଅଧ୍ୟାୟ – ୪: କାର୍ଯ୍ୟକାରକ ଏବଂ ତଦାରଖକାରୀ କର୍ତ୍ତୃପକ୍ଷସମୂହ

### କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ

**୧୦.** (୧) କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶନ ପୂର୍ବକ ବିନିର୍ଦ୍ଦିଷ୍ଟ ହୋଇଥିବା ତାରଖରୁ ଏକ ପରିଷଦ ପ୍ରତିଷ୍ଠା ଲାଭ କରିବ, ଯାହାକି କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ବୋଲି ନାମିତ ହୋଇ ତାଙ୍କ ଉପରେ ଏହି ଆଇନ୍ ଅଧୀନରେ ଏବଂ ଏହି ଆଇନ୍ ଦ୍ୱାରା ନ୍ୟସ୍ତ କାର୍ଯ୍ୟାବଳୀକୁ ନିର୍ବାହ କରିବେ ଏବଂ କର୍ତ୍ତବ୍ୟମାନ ସଂପାଦନ କରିବେ ।

(୨) କେନ୍ଦ୍ରୀୟ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ରହିବ ।

(୩) କେନ୍ଦ୍ରୀୟ ପରିଷଦ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା:-

(ଏ) ଜଣେ ଅଧ୍ୟକ୍ଷ;

(ବି) ଯୋଜନା କମିଶନ୍ ସମେତ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡିକର ସେହିସଂଖ୍ୟକ ପ୍ରତିନିଧିବୃନ୍ଦ, ଯେଉଁମାନଙ୍କ ପାହ୍ୟା ଭାରତ ସରକାଙ୍କ ସଂଯୁକ୍ତ ସଚ୍ଚୀବ ଠାରୁ ତଳକୁ ହେଉନଥିବ, ଏବଂ ଯାହାଙ୍କୁ କେନ୍ଦ୍ରସରକାର ସ୍ଥିର କରିବେ ;

(ସି) ରାଜ୍ୟ ସରକାରମାନଙ୍କର ସେତିକି ସଂଖ୍ୟକ ପ୍ରତିନିଧି, ଯାହାଙ୍କୁ କେନ୍ଦ୍ର ସରକାର ସ୍ଥିର କରିପାରନ୍ତି ;

(ଡି) ପଞ୍ଚାୟତିରାଜ ସଂସ୍ଥା, ଶ୍ରମିକ ଓ ଅସୁବିଧାଗ୍ରସ୍ତ ଗୋଷ୍ଠୀମାନଙ୍କ ସଂଗଠନସମୂହ ମଧ୍ୟରୁ ୧୫ ଜଣରୁ ଅଧିକ ହେଉନଥିବା ବେସରକାରୀ ପ୍ରତିନିଧି ;

**ପରନ୍ତୁ,** ସେହି ବେସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ଦୁଇଜଣ ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷ ଅନ୍ତର୍ଭୁକ୍ତ ରହିବେ, ଯେଉଁମାନେ କି ଏକକାଳୀନ ବର୍ଷର୍କ ପାଇଁ କେନ୍ଦ୍ରସରକାରଙ୍କ ଦ୍ୱାରା ଚକ୍ରାନୁକ୍ରମେ ମନୋନୀତ ହେଉଥିବେ;

**ପୁଣି ପରନ୍ତୁ,** ଏହି ଅଣ-ଉପଧାରା ଅଧୀନରେ ମନୋନୀତ ହୋଇଥିବା ବେସରକାରୀ ସଦସ୍ୟଙ୍କ ମଧ୍ୟରୁ ମହିଳାମାନଙ୍କ ସଂଖ୍ୟା ଅନ୍ୟୁନ ଏକ ତୃତୀୟାଂଶରୁ କମ୍ ହୋଇନଥିବ;

**ଆଉମଧ୍ୟ ପରନ୍ତୁ,** ବେସରକାରୀ ସଦସ୍ୟଙ୍କ ମଧ୍ୟରୁ ଅନୁସୂଚୀତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ଭିତରୁ ଆସିଥିବା ପ୍ରତିନିଧିଙ୍କ ସଂଖ୍ୟା ଏକ ତୃତୀୟାଂଶରୁ କମ୍ ହୋଇନଥିବ;

(ଇ) ରାଜ୍ୟମାନଙ୍କର ସେତିକି ସଂଖ୍ୟକ ପ୍ରତିନିଧି ରହିବେ, ଯାହାକି କେନ୍ଦ୍ର ସରକାର ଏହି ସକାଶେ ନିୟମ ପ୍ରଣୟନ କରି ସ୍ଥିର କରିଥିବେ;

(ଏଫ୍) ଭାରତ ସରକାରଙ୍କ ସଂଯୁକ୍ତ ସଚ୍ଚୀବ ପାହ୍ୟାରୁ ନିମ୍ନରେ ନଥିବା ଜଣେ ସଦସ୍ୟ-ସଚ୍ଚୀବ ।

୪. ଯେଉଁସବୁ ନିବନ୍ଧନ ଏବଂ ସର୍ତ୍ତାବଳୀକୁ ଭିତ୍ତି କରି କେନ୍ଦ୍ରୀୟ ପରିଷଦର ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନେ ନିଯୁକ୍ତ ହେବେ, ତାହା ଏବଂ କେନ୍ଦ୍ରୀୟ ପରିଷଦର ବୈଠକଗୁଡିକର ସମୟ, ସ୍ଥାନ ଏବଂ ପ୍ରକ୍ରିୟା (ଏହି ବୈଠକଗୁଡିକର କୋରମ୍ ଏଥିରେ ଅନ୍ତର୍ଭୁକ୍ତ) କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ କରାଯିବ ।

### କେନ୍ଦ୍ରୀୟ ପରିଷଦର କାର୍ଯ୍ୟ ଓ କର୍ତ୍ତବ୍ୟ

**୧୧.** (୧) କେନ୍ଦ୍ରୀୟ ପରିଷଦ ନିମ୍ନଲିଖିତ କାର୍ଯ୍ୟ ଓ କର୍ତ୍ତବ୍ୟସମୂହ ସଂପାଦନ ଏବଂ ନିର୍ବାହ କରିବେ, ଯଥା –

(ଏ) ଏକ କେନ୍ଦ୍ରୀୟ ମୂଲ୍ୟାୟନ ଏବଂ ତଦାରଖ ବ୍ୟବସ୍ଥା ସ୍ଥାପନା କରିବା;

(ବି) ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ-ସଂପର୍କୀତ ସମସ୍ତ ବିଷୟ ଉପରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ;

(ସି) ତଦାରଖ ଓ ଅଭିଯୋଗ-ଫଇସଲା ବ୍ୟବସ୍ଥାକୁ ସମୟାନ୍ତରରେ ସମୀକ୍ଷା କରିବା ଏବଂ ତହିଁରେ ଆବଶ୍ୟକ ଉନ୍ନତି ଆଣିବା ପାଇଁ ସୁପାରିଶ୍ କରିବା ;

(ଡି) ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ସ୍କିମ୍‌ଗୁଡିକ ସମ୍ବନ୍ଧରେ ସୂଚନାକୁ ଯଥାସମ୍ଭବ ଅଧିକ ସୁବିସ୍ତୃତ ପ୍ରସାରଣକୁ ପ୍ରୋତ୍ସାହନ ଦେବା ;

(ଇ) ଏହି ଆଇନ୍‌ର କାର୍ଯ୍ୟାନ୍ୱୟନକୁ ତଦାରଖ କରିବା ;

(ଏଫ୍)ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ବିଷୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ହେବାକୁ ଥିବା ବାର୍ଷିକ ରିପୋର୍ଟଗୁଡ଼ିକୁ ପ୍ରସ୍ତୁତ କରିବା ;

(ଜି) ଅନ୍ୟ କିଛି କର୍ତ୍ତବ୍ୟ କିମ୍ବା କାର୍ଯ୍ୟ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ଏହା ଉପରେ ନ୍ୟସ୍ତ କରାଯାଇପାରେ ;

(୨) ଏହି ଆଇନ୍ ଅଧୀନରେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ସ୍କିମ୍‌ଗୁଡ଼ିକୁ ମୂଲ୍ୟାୟନ କରିବା ପାଇଁ ତଥା ଏହି ପ୍ରୟୋଜନରୁ ଗ୍ରାମାଞ୍ଚଳ ଅର୍ଥନୀତି ଏବଂ ସ୍କିମ୍‌ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ପରିସଂଖ୍ୟାନ ସଂଗ୍ରହ କରିବା ବା କରାଇବା ପାଇଁ କେନ୍ଦ୍ରୀୟ ପରିଷଦର କ୍ଷମତା ରହିବ ।

**ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ**

**୧୨.** (୧) ରାଜ୍ୟ ସ୍ତରରେ ଏହି ଆଇନ୍‌ର କାର୍ଯ୍ୟାନ୍ୱୟନକୁ ନିୟମିତ ତଦାରଖ ଓ ସମୀକ୍ଷା କରିବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଗୋଟିଏ ରାଜ୍ୟ ପରିଷଦ ଗଠନ କରିବେ, ଯାହାକି . . . . (ରାଜ୍ୟର ନାମ) ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ନାମରେ ପରିଚିତ ହେବ, ଏବଂ ଯେଉଁଥିରେ ଜଣେ ଅଧ୍ୟକ୍ଷ ଏବଂ ସେତିକ ସଂଖ୍ୟକ ସରକାରୀ ସଦସ୍ୟ ରହିବେ, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବ ତଥା ପଞ୍ଚାୟତିରାଜ ସଂସ୍ଥାସମୂହ, ଶ୍ରମିକ ଓ ଅସୁବିଧାଗ୍ରସ୍ତ ଗୋଷ୍ଠୀଙ୍କ ସଂଗଠନସମୂହ ମଧ୍ୟରୁ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସର୍ବାଧିକ ୧୫ ଜଣ ବେସରକାରୀ ସଦସ୍ୟ ରହିବେ ।

**ପରନ୍ତୁ,** ଏହି ଉପଧାରା ଅଧୀନରେ ମନୋନୀତ ବେସରକାରୀ ସଦସ୍ୟଙ୍କ ସଂଖ୍ୟା ମଧ୍ୟରୁ ଯେପରି ମହିଳାଙ୍କ ସଂଖ୍ୟା ଏକ ତୃତୀୟାଂଶରୁ କମ୍ ନହୁଏ ;

**ପୁଣି ପରନ୍ତୁ,** ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କରୁ ଆସିଥିବା ସଦସ୍ୟଙ୍କ ସଂଖ୍ୟା ଯେପରି ବେସରକାରୀ ସଦସ୍ୟଙ୍କ ସଂଖ୍ୟାର ଏକ ତୃତୀୟାଂଶରୁ କମ୍ ନହୁଏ ।

(୨) ସେହିସବୁ ଆଧାର ଓ ସର୍ତ୍ତାବଳୀ ଅନୁସାରେ ରାଜ୍ୟ ପରିଷଦର ଅଧ୍ୟକ୍ଷ ଓ ସଦସ୍ୟମାନେ ନିଯୁକ୍ତି ପାଇବେ ଏବଂ ରାଜ୍ୟ ପରିଷଦ ବୈଠକର ସମୟ, ସ୍ଥାନ ଓ ପ୍ରକ୍ରିୟା (ଏହିସବୁ ବୈଠକର କୋରମ୍ ଏଥିରେ ଅନ୍ତର୍ଭୁକ୍ତ) ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ କରାଯିବ ।

(୩) ରାଜ୍ୟ ପରିଷଦର କର୍ତ୍ତବ୍ୟ ଓ କାର୍ଯ୍ୟାବଳୀ ମଧ୍ୟରେ ନିମ୍ନଲିଖିତ ବିଷୟମାନ ଅନ୍ତର୍ଭୁକ୍ତ ହେବ –

(ଏ) ସ୍କିମ୍ ଓ ରାଜ୍ୟରେ ଏହାର କାର୍ଯ୍ୟାନ୍ୱୟନ ସଂପର୍କୀତ ସମସ୍ତ ବିଷୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା;

(ବି) ମନୋନୀତ କାର୍ଯ୍ୟସବୁକୁ ଚୟନ କରିବା ;

(ସି) ସମୟାନ୍ତରରେ ତଦାରଖ ଓ ଅଭିଯୋଗ-ଫଇସଲା ବ୍ୟବସ୍ଥାଗୁଡିକର ସମୀକ୍ଷା କରିବା ଓ ତହିଁର ଉନ୍ନତି ପାଇଁ ସୁପାରିଶ କରିବା ;

(ଡି) ଏହି ଆଇନ୍ ଏବଂ ଏହା ଅଧୀନସ୍ଥ ସ୍କିମ୍‌ଗୁଡିକ ସମ୍ବନ୍ଧରେ ଯଥାସମ୍ଭବ ସୁବିସ୍ତୃତ ପ୍ରସାରଣକୁ ପ୍ରୋତ୍ସାହନ ଦେବା;

(ଇ) ରାଜ୍ୟରେ ଏହି ଆଇନ୍ ଓ ସ୍କିମ୍‌ଗୁଡିକର କାର୍ଯ୍ୟାନ୍ୱୟନକୁ ତଦାରଖ କରିବା ଏବଂ ଏହି କାର୍ଯ୍ୟାନ୍ୱୟନ ସହିତ କେନ୍ଦ୍ରୀୟ ପରିଷଦର ସମନ୍ୱୟ ରଖିବା;

(ଏଫ୍) ରାଜ୍ୟ ସରକାରଙ୍କ ଦ୍ୱାରା ବିଧାନସଭାରେ ଉପସ୍ଥାପିତ ହେବାକୁ ଥିବା ବାର୍ଷିକ ବିବରଣୀକୁ ପ୍ରସ୍ତୁତ କରିବା;

(ଜି) ଅନ୍ୟ କୌଣସି କର୍ତ୍ତବ୍ୟ କିମ୍ବା କାର୍ଯ୍ୟ, ଯାହାକି କେନ୍ଦ୍ରୀୟ ପରିଷଦ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଏହା ଉପରେ ନ୍ୟସ୍ତ କରାଯିବ ।

୪. ରାଜ୍ୟରେ ଚାଲୁଥିବା ସ୍କିମ୍‌ଗୁଡ଼ିକୁ ମୂଲ୍ୟାୟନ କରିବା ଏବଂ ଏହି ପ୍ରୟୋଜନରୁ ରାଜ୍ୟରେ ଗ୍ରାମାଞ୍ଚଳ ଅର୍ଥନୀତି ଓ ସ୍କିମ୍ ଏବଂ କାର୍ଯ୍ୟକ୍ରମଗୁଡିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ପରିସଂଖ୍ୟାନ ସଂଗ୍ରହ କରିବା କିମ୍ବା ସଂଗ୍ରହ କରାଇବାର କ୍ଷମତା ରାଜ୍ୟ ପରିଷଦର ରହିବ ।

**ସ୍କିମ୍‌ର ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଉଦ୍ଦିଷ୍ଟ ପ୍ରମୁଖ କର୍ତ୍ତୃପକ୍ଷସମୂହ**

**୧୩.** (୧) ଏହି ଆଇନ୍ ଅଧୀନରେ ପ୍ରସ୍ତୁତ କରାଯାଇଥିବା ସ୍କିମ୍‌ଗୁଡିକର ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା, ମଧ୍ୟବର୍ତ୍ତୀ ଓ ଗ୍ରାମ ସ୍ତରରେ ସକ୍ରୀୟ ଥିବା ପଞ୍ଚାୟତମାନେ ପ୍ରମୁଖ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବେ ।

(୨) ଜିଲ୍ଲା ସ୍ତରୀୟ ପଞ୍ଚାୟତ ନିମ୍ନମତେ କାର୍ଯ୍ୟ କରିବ-

(ଏ) ସ୍କିମ୍ ଅଧୀନସ୍ଥ ଗୋଟିଏ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟାନ୍ୱିତ ହେବାକୁ ଥିବା ବ୍ଲକ୍-ଓ୍ୱାରି ପ୍ରକଳ୍ପପୁଞ୍ଜଗୁଡ଼ିକୁ ଚୂଡ଼ାନ୍ତ ଓ ଅନୁମୋଦନ କରିବା;

(ବି) ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ନିଆଯାଉଥିବା ପ୍ରକଳ୍ପଗୁଡ଼ିକୁ ପରିବେକ୍ଷଣ ଓ ତଦାରଖ କରିବା; ଏବଂ

(ସି) ଅନ୍ୟ ସେହି ସମସ୍ତ କାର୍ଯ୍ୟାବଳୀକୁ ନିର୍ବାହ କରିବେ, ଯାହାକି ରାଜ୍ୟ ପରିଷଦ ଦ୍ୱାରା ସମୟାନ୍ତରରେ ଏହା ଉପରେ ନ୍ୟସ୍ତ କରାଯାଉଥିବ ।

(୩) ମଧ୍ୟବର୍ତ୍ତୀ ସ୍ତରର ପଞ୍ଚାୟତର କାର୍ଯ୍ୟାବଳୀ ନିମ୍ନମତେ ହେବ –

(ଏ) ବ୍ଲକ-ସ୍ତରୀୟ ଯୋଜନାକୁ ଅନୁମୋଦନ କରି ଜିଲ୍ଲାସ୍ତରୀୟ ପଞ୍ଚାୟତର ଚୂଡ଼ାନ୍ତ ଅନୁମୋଦନ ପାଇଁ ଅଭିପ୍ରେରଣ କରିବା;

(ବି) ଗ୍ରାମପଞ୍ଚାୟତ ଏବଂ ବ୍ଲକ୍ ସ୍ତରରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ପରିବେକ୍ଷଣ ଏବଂ ତଦାରଖ କରିବା;

(ସି) ସମୟାନ୍ତରରେ ରାଜ୍ୟ ପରିଷଦ ଦ୍ୱାରା ନ୍ୟସ୍ତ ହେଉଥିବା ଅନ୍ୟ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିବା ।

(୪) ଜିଲ୍ଲା-ସ୍ତରୀୟ ପଞ୍ଚାୟତ ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ କରାଯାଇଥିବା କୌଣସି ସ୍କିମ୍ ଅନୁସାରେ ନିଜର କାର୍ଯ୍ୟାବଳୀ ସମ୍ପାଦନ କରିବା କ୍ଷେତ୍ରରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ସହାୟତା କରିବେ ।

**ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ**

**୧୪.** (୧) ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ଜିଲ୍ଲାର ଜିଲ୍ଲାପାଳ କିମ୍ବା ଅନ୍ୟ କୌଣସି ସମୁଚିତ ପାହ୍ୟାର ଜିଲ୍ଲା-ସ୍ତରୀୟ ଅଧିକାରୀ, ଯାହାଙ୍କୁ ରାଜ୍ୟ ସରକାର ସ୍ଥିର କରିବେ, ତାଙ୍କୁ ଜିଲ୍ଲା ଭିତରେ ସ୍କିମ୍‌ର କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରୂପେ ପଦନାମିତ କରାଯିବ ।

(୨) ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ କରାଯାଇଥିବା ନିୟମାବଳୀର ବିଧିବ୍ୟବସ୍ଥା ଅନୁଯାୟୀ ଜିଲ୍ଲା ଭିତରେ ସ୍କିମ୍‌କୁ କାର୍ଯ୍ୟାନ୍ୱୟନ କରିବା ନିମନ୍ତେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଉତ୍ତରଦାୟୀ ରହିବେ ।

(୩) ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କର କାର୍ଯ୍ୟାବଳୀ ନିମ୍ନମତେ ହେବ-

(ଏ) ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା କୌଣସି ସ୍କିମ୍ ଅଧୀନସ୍ଥ କାର୍ଯ୍ୟାବଳୀ ସଂପାଦନ କରିବାରେ ଜିଲ୍ଲା ପଞ୍ଚାୟତକୁ ସହଯୋଗ କରିବା ;

(ବି) ଜିଲ୍ଲା-ସ୍ତରୀୟ ପଞ୍ଚାୟତ ଦ୍ୱାରା ଯେଉଁ ପ୍ରକଳ୍ପ-ପୁଞ୍ଜ ଅନୁମୋଦିତ ହେବାକୁ ଥିବ, ତହିଁରେ ଅନ୍ତର୍ଭୁକ୍ତି ନିମନ୍ତେ ବ୍ଲକ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନାସମୂହ ଏବଂ ଅନ୍ୟ କାର୍ଯ୍ୟକାରକ ସଂସ୍ଥାମାନଙ୍କ ଠାରୁ ପ୍ରାପ୍ତ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏକତ୍ରୀକରଣ କରିବା;

(ସି) ଯଥାସ୍ଥଳେ ଆବଶ୍ୟକୀୟ ମଞ୍ଜୁରୀ ଓ ପ୍ରଶାସନିକ ସହମତି ପ୍ରଦାନ କରିବା;

(ଡି) ଏହି ଆଇନ୍ ଅଧୀନରେ ଦରଖାସ୍ତକାରୀମାନଙ୍କୁ ସେମାନଙ୍କ ହକ୍ ମୁତାବକ କର୍ମନିଯୁକ୍ତି ମିଳିବାକୁ ସୁନିଶ୍ଚିତ କରିବା ସକାଶେ ନିଜ ଇଲାକାରେ କାର୍ଯ୍ୟରତ କାର୍ଯ୍ୟକ୍ରମ ଅଧିକାରୀବୃନ୍ଦ, ଏବଂ ସଂପୃକ୍ତ କାର୍ଯ୍ୟକାରକ ସଂସ୍ଥାସମୂହଙ୍କ ସହ ସମନ୍ୱୟ ରକ୍ଷା କରିବା;

(ଇ) କାର୍ଯ୍ୟକ୍ରମ ଅଧିକାରୀମାନଙ୍କ କାର୍ଯ୍ୟକଳାପକୁ ସମୀକ୍ଷା, ତଦାରଖ ଓ ପରିବେକ୍ଷଣ କରିବା ;

(ଏଫ୍)ଚାଲୁଥିବା କାର୍ଯ୍ୟଗୁଡ଼ିକର ସମୟାନ୍ତର ନିରୀକ୍ଷଣ କରାଇବା ; ଏବଂ

(ଜି) ଦରଖାସ୍ତକାରୀମାନଙ୍କ ଅଭିଯୋଗଗୁଡ଼ିକୁ ଫଇସଲା କରିବା ।

(୪) ରାଜ୍ୟ ସରକାର ଏପରି ସବୁ ପ୍ରଶାସନିକ ଓ ଆର୍ଥିକ କ୍ଷମତାମାନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଅର୍ପଣ କରିବେ, ଯାହାକି ଏହି ଆଇନ୍ ଅଧୀନରେ ସେ ତାଙ୍କ କାର୍ଯ୍ୟାବଳୀକୁ ସମ୍ପାଦନ କରିବାରେ ସମର୍ଥ ହେବା ଲାଗି ଆବଶ୍ୟକ ପଡିବ ।

(୫) ଧାରା ୧୫ର ଉପଧାରା (୧) ଅନୁସାରେ ନିଯୁକ୍ତ କାର୍ଯ୍ୟକ୍ରମ ଅଧିକାରୀ ତଥା ଜିଲ୍ଲା ମଧ୍ୟରେ କାର୍ଯ୍ୟରତ ଥିବା ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଓ ସଂସ୍ଥାସମୂହର ଅନ୍ୟ ସମସ୍ତ ଅଧିକାରୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ସହଯୋଗ କରିବା ପାଇଁ ଉତ୍ତରଦାୟୀ ରହିବେ, ଯଦ୍ଦ୍ୱାରା ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ସ୍କିମ୍‌ଗୁଡିକରେ ତାଙ୍କ ଉପରେ ନ୍ୟସ୍ତ କାର୍ଯ୍ୟାବଳୀକୁ ସେ ସଂପାଦନ କରିପାରିବେ ।

(୬) ପ୍ରତି ବର୍ଷ ଡିସେମ୍ବର ମାସରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ପରବର୍ତ୍ତୀ ଆର୍ଥିକ ବର୍ଷ ନିମନ୍ତେ ଏକ ଶ୍ରମ ବଜେଟ୍ ପ୍ରସ୍ତୁତ କରିବେ, ଯେଉଁଥିରେ ଜିଲ୍ଲାରେ ଅଣକୁଶଳୀ ଶାରୀରୀକ କାମ ପାଇଁ ରହିଥିବା ଚାହିଦାର ସବିଶେଷ ତଥ୍ୟ ଏବଂ ସ୍କିମ୍ ଅଧୀନସ୍ଥ କାର୍ଯ୍ୟଗୁଡିକରେ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ସମ୍ବନ୍ଧୀୟ ଯୋଜନା ସୂଚିତ ହୋଇଥିବ ।

**କାର୍ଯ୍ୟକ୍ରମ ଅଧିକାରୀ**

**୧୫.** (୧) ପ୍ରତି ମଧ୍ୟ-ସ୍ତରୀୟ ପଞ୍ଚାୟତ ସ୍ତରରେ ରାଜ୍ୟ ସରକାର ଜଣେ ଅଧିକାରୀଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ରୂପେ ନିଯୁକ୍ତ କରିବେ, ଯେ କି ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ପାହ୍ୟାର ନିମ୍ନରେ ନଥିବେ ଓ ଯାହାଙ୍କର ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା ଓ ଅଭିଜ୍ଞତା ଥିବ ।

(୨) କାର୍ଯ୍ୟକ୍ରମ ଅଧିକାରୀ ମଧ୍ୟସ୍ତରୀୟ ପଞ୍ଚାୟତକୁ ସହାୟତା କରିବେ, ଯାହାଫଳରେ ସେହି ପଞ୍ଚାୟତ ଏହି ଆଇନ୍ ଅଧୀନରେ ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ସ୍କିମ୍ ଯୋଜନା ସଂପାଦନରେ ସହଯୋଗ କରିବେ ।

(୩) କାର୍ଯ୍ୟକ୍ରମ ଅଧିକାରୀ ନିଜ ଇଲାକା ଭିତରେ କର୍ମନିଯୁକ୍ତି ପାଇଁ ଥିବା ଚାହିଦା ସହିତ ପ୍ରକଳ୍ପଗୁଡିକ ଯୋଗୁଁ ସୃଷ୍ଟ କର୍ମନିଯୁକ୍ତିର ସୁଯୋଗ ମଧ୍ୟରେ ତାଳମେଳ ରକ୍ଷାକରିବା ପାଇଁ ଉତ୍ତରଦାୟୀ ରହିବେ ।

(୪) ଗ୍ରାମ ପଞ୍ଚାୟତଗୁଡିକ ଦ୍ୱାରା ପ୍ରସ୍ତୁତ ଓ ମଧ୍ୟ-ସ୍ତରୀୟ ପଞ୍ଚାୟତ ଗୁଡିକରୁ ସଂଗୃହୀତ ପ୍ରକଳ୍ପ-ପ୍ରସ୍ତାବଗୁଡିକୁ ଏକତ୍ର କରି କାର୍ଯ୍ୟକ୍ରମ ଅଧିକାରୀ ନିଜ ଇଲାକା ଅଧୀନରେ ଥିବା ବ୍ଲକ୍ ପାଇଁ ଗୋଟିଏ ଯୋଜନା ପ୍ରସ୍ତୁତ କରିବେ ।

(୫) କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାବଳୀ ନିମ୍ନମତେ ହେବ –

(ଏ) ବ୍ଲକ ମଧ୍ୟରେ ଥିବା ସବୁ ଗ୍ରାମପଞ୍ଚାୟତ ଓ ଅନ୍ୟ ସବୁ କାର୍ଯ୍ୟକାରକ ସଂସ୍ଥାଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକୁ ତଦାରଖ କରିବା ;

(ବି) ଯୋଗ୍ୟ ବିବେଚିତ ପରିବାରମାନଙ୍କ ପାଇଁ ବେକାରୀ ଭତ୍ତା ମଞ୍ଜୁରୀ କରିବା ଓ ସେମାନଙ୍କୁ ଏହାର ବିତରଣକୁ ସୁନିଶ୍ଚିତ କରିବା ;

(ସି) ବ୍ଲକ ମଧ୍ୟରେ ସ୍କିମ ଅନ୍ତର୍ଭୁକ୍ତ ଏକ କାର୍ଯ୍ୟକ୍ରମ ଅଧୀନରେ ନିଯୁକ୍ତ ହୋଇଥିବା ସମସ୍ତ ଶ୍ରମିକମାନଙ୍କୁ ତୁରନ୍ତ ଓ ଯଥାର୍ଥ ମଜୁରୀ ପ୍ରଦାନକୁ ସୁନିଶ୍ଚିତ କରିବା ;

(ଡି) ଗ୍ରାମସଭା ଦ୍ୱାରା ଗୋଟିଏ ଗ୍ରାମ ପଞ୍ଚାୟତର ଇଲାକା ଭିତରେ ସମସ୍ତ କାର୍ଯ୍ୟର ନିୟମିତ ସାମାଜିକ ସମୀକ୍ଷାକୁ ସୁନିଶ୍ଚିତ କରାଇବା ତଥା ସାମାଜିକ ସମୀକ୍ଷା କାଳରେ ଉତ୍‌ଥାପିତ ହେଉଥିବା ଆପତ୍ତିଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ସୁନିଶ୍ଚିତ କରିବା ;

(ଇ) ବ୍ଲକ ମଧ୍ୟରେ ସ୍କିମ୍‌ର କାର୍ଯ୍ୟାନ୍ୱୟନ ପରିପ୍ରେକ୍ଷିରେ ଉତ୍‌ଥାପିତ ହେଉଥିବା ସବୁ ଅଭିଯୋଗଗୁଡିକର ତୁରନ୍ତ ବିଚାର କରିବା; ଏବଂ

(ଏଫ୍) ଅନ୍ୟ ଯେ କୌଣସି କାର୍ଯ୍ୟ, ଯାହାକୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବ ।

(୬) ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ପ୍ରତ୍ୟେକ୍ଷ ନିର୍ଦ୍ଦେଶନା, ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅଧିକାରୀ କାର୍ଯ୍ୟ କରିବେ ।

(୭) କାର୍ଯ୍ୟକ୍ରମ ଅଧିକାରୀଙ୍କ ସମସ୍ତ କିମ୍ବା କୌଣସି କାର୍ଯ୍ୟକୁ ଗ୍ରାମ ପଞ୍ଚାୟତ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ ନିର୍ବାହ କରିବେ ବୋଲି ରାଜ୍ୟ ସରକାର ଆଦେଶ ବଳରେ ନିର୍ଦ୍ଦେଶ ଦେଇପାରନ୍ତି ।

**ଗ୍ରାମ ପଞ୍ଚାୟତର ଦାୟିତ୍ୱସମୂହ**

**୧୬.** (୧) ଗ୍ରାମ ସଭା ଓ ୱାର୍ଡସଭାର ସୁପାରିଶ୍ ଅନୁସାରେ ଗ୍ରାମପଞ୍ଚାୟତ ଇଲାକାରେ ଗୋଟିଏ ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକର ଚିହ୍ନଟୀକରଣ ଏବଂ ସେହି କାର୍ଯ୍ୟଗୁଡିକର କାର୍ଯ୍ୟାନ୍ୱୟନ ଏବଂ ପରିବେକ୍ଷଣ ପାଇଁ ଗ୍ରାମ ପଞ୍ଚାୟାତ ଉତ୍ତରଦାୟୀ ରହିବ ।

(୨) ଏକ ସ୍କିମ୍ ଅଧୀନରେ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ମଞ୍ଜୁର ହୋଇଥିବା କୌଣସି ଏକ ପ୍ରକଳ୍ପକୁ ଗ୍ରାମ ପଞ୍ଚାୟତ ନିଜ ଇଲାକାରେ କାର୍ଯ୍ୟକାରୀ କରି ପାରନ୍ତି ।

(୩) ଗ୍ରାମସଭା ଓ ୱାର୍ଡସଭାର ସୁପାରିଶ୍‌ଗୁଡ଼ିକୁ ବିଚାରକୁ ନେଇ ପ୍ରତି ଗ୍ରାମ ପଞ୍ଚାୟତ ଏକ ଉନ୍ନୟନ ଯୋଜନା ତିଆରି କରିବେ ଏବଂ ଏକ ସମ୍ଭାବ୍ୟ କାର୍ଯ୍ୟପୁଞ୍ଜ ନିଜ ପାଖରେ ପ୍ରସ୍ତୁତ ରଖିବେ, ଯାହା ଫଳରେ କି କାମର ଚାହିଦା ଦେଖାଯିବା ମାତ୍ରକେ ସେହି କାର୍ଯ୍ୟମାନ ହାତକୁ ନିଆଯାଇ ପାରିବ ।

(୪) ସଂପୃକ୍ତ କାର୍ଯ୍ୟଗୁଡ଼ିକ ଭିତରେ ଅଗ୍ରାଧିକାରକୁ ସୂଚିତ କରିବା ସହିତ ଗ୍ରାମ ପଞ୍ଚାୟତ ଉନ୍ନୟନ ପ୍ରକଳ୍ପଗୁଡ଼ିକ ପାଇଁ ତାର ପ୍ରସ୍ତାବସବୁକୁ କାର୍ଯ୍ୟକ୍ରମ ଅଧିକାରୀଙ୍କ ପାଖକୁ ଯାଞ୍ଚ ଏବଂ ପ୍ରାରମ୍ଭିକ ଅନୁମୋଦନ ପାଇଁ ଅଭିପ୍ରେରଣ କରିବେ, ଠିକ୍ ସେହି ବର୍ଷର ପ୍ରାରମ୍ଭ ପୂର୍ବରୁ, ଯେଉଁ ବର୍ଷ ଭିତରେ ଏହି ପ୍ରସ୍ତାବସବୁ କାର୍ଯ୍ୟାନ୍ୱୀତ ହେବା ପାଇଁ ମନୋନୀତ ହୋଇଥିବ ।

(୫) କାର୍ଯ୍ୟକ୍ରମ ଅଧିକାରୀ କୌଣସି ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟାବଳୀର ମୂଲ୍ୟ ଦୃଷ୍ଟିରୁ ଅତିକମ୍‌ରେ ୫୦ପ୍ରତିଶତ କାର୍ଯ୍ୟକୁ ଗ୍ରାମ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟାନ୍ୱୀତ ହେବାପାଇଁ ଆବଣ୍ଟନ କରିପାରିବେ ।

(୬) କାର୍ଯ୍ୟକ୍ରମ ଅଧିକାରୀ ପ୍ରତି ଗ୍ରାମପଞ୍ଚାୟତକୁ ନିମ୍ନ ବ୍ୟବସ୍ଥାମାନଯୋଗାଇଦେବେ-

(ଏ) ଗ୍ରାମପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ମଞ୍ଜୁରୀପ୍ରାପ୍ତ କାର୍ଯ୍ୟମାନ ପାଇଁ ମଷ୍ଟର ରୋଲ୍; ଏବଂ

(ବି) ଗ୍ରାମ ପଞ୍ଚାୟତର ବାସିନ୍ଦାମାନଙ୍କ ପାଇଁ ଅନ୍ୟତ୍ର ଉପଲବ୍ଧ ଥିବା କର୍ମନିଯୁକ୍ତି ସମ୍ବନ୍ଧରେ ଏକ ତାଲିକା ।

(୭) ଗ୍ରାମ ପଞ୍ଚାୟତ ଦରଖାସ୍ତକାରୀଙ୍କ ମଧ୍ୟରେ ଉପଲବ୍ଧ କର୍ମନିଯୁକ୍ତି ସୁଯୋଗକୁ ଆବଣ୍ଟନ କରିବେ ଏବଂ ସେମାନଙ୍କୁ କାମରେ ଯୋଗ ଦେବାକୁ କହିବେ ।

(୮) କୌଣସି ଏକ ସ୍କିମ୍ ଅଧୀନରେ ଗ୍ରାମ ପଞ୍ଚାୟତ ଦ୍ୱାରା କାର୍ଯ୍ୟାନ୍ୱୀତ ହେଉଥିବା କାର୍ଯ୍ୟଗୁଡ଼ିକ ଆବଶ୍ୟକୀୟ ବୈଷୟିକ ମାନଦଣ୍ଡ ଓ ମାପକର ପରିପୂର୍ତ୍ତୀ କରୁଥିବ ।

**ଗ୍ରାମସଭା ଦ୍ୱାରା କାର୍ଯ୍ୟର ସାମାଜିକ ସମୀକ୍ଷା**

**୧୭.** (୧) ଗ୍ରାମ ପଞ୍ଚାୟତ ମଧ୍ୟରେ ହେଉଥିବା କାର୍ଯ୍ୟାବଳୀର କାର୍ଯ୍ୟାନ୍ୱୟନକୁ ଗ୍ରାମସଭା ତଦାରଖ କରିବ ।

(୨) ଗ୍ରାମ ପଞ୍ଚାୟତ ମଧ୍ୟରେ ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ନିୟମିତ ସାମାଜିକ ସମୀକ୍ଷା ପରିଚାଳନା କରିବ ।

(୩) ଗ୍ରାମ ପଞ୍ଚାୟତ ସାମାଜିକ ସମୀକ୍ଷାର ପରିଚାଳନା ନିମନ୍ତେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର, ଯାହା ମଧ୍ୟରେ ଥିବ ମଷ୍ଟର ରୋଲ୍, ବିଲ୍, ଭାଉଚର୍, ମାପ ବହି, ମଞ୍ଜୁରୀ ଆଦେଶଗୁଡ଼ିକର ନକଲମାନ ଏବଂ ଅନ୍ୟ ସମସ୍ତ ସଂପର୍କୀତ ହିସାବବହି ଓ କାଗଜପତ୍ର, ସେଗୁଡ଼ିକୁ ଗ୍ରାମସଭା ନିକଟରେ ଉପଲବ୍ଧ କରାଇବ ।

**ସ୍କିମ୍ କାର୍ଯ୍ୟାନ୍ୱୟନରେ ରାଜ୍ୟ ସରକାରଙ୍କ ଦାୟିତ୍ୱସମୂହ**

**୧୮.** ସ୍କିମ୍‌ର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟ ସରକାର ଆବଶ୍ୟକ ମତେ କର୍ମଚାରୀ ଓ ବୈଷୟିକ ସହୟତା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଓ କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ଯୋଗାଇ ଦେବେ ।

**ଅଭିଯୋଗ-ମୀମାଂସା ବ୍ୟବସ୍ଥା**

**୧୯.** ସ୍କିମ୍‌ର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ କୌଣସି ବ୍ୟକ୍ତି ଦ୍ୱାରା ଆଗତ ଅଭିଯୋଗର ବିଚାର ପାଇଁ ତଥା ଏତାଦୃଶ ଅଭିଯୋଗ ଗୁଡ଼ିକର ଫଇସଲା ପ୍ରକ୍ରିୟାକୁ ରୂପରେଖ ଦେବାପାଇଁ ରାଜ୍ୟ ସରକାର ନିୟମାବଳୀ ବଳରେ ବ୍ଲକ୍ ଓ ଜିଲ୍ଲା ସ୍ତରରେ ଯଥୋଚିତ ଅଭିଯୋଗ-ମୀମାଂସା ବ୍ୟବସ୍ଥା ନିରୂପଣ କରିବେ ।

## ଅଧ୍ୟାୟ - ୫

**ଜାତୀୟ ଓ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠିଦ୍ୱୟର ପ୍ରତିଷ୍ଠା ଏବଂ ହିସାବ-ସମୀକ୍ଷା**

**୨୦.** (୧) ଏହି ଆଇନ୍‌ର ଉଦ୍ଦେଶ୍ୟକୁ ପୂରଣ କରିବାକୁ ଯାଇ କେନ୍ଦ୍ର ସରକାର ବିଜ୍ଞପ୍ତି ପୂର୍ବକ ଏକ ପାଣ୍ଠି ପ୍ରତିଷ୍ଠା କରିବେ, ଯାହାର ନାମ ଜାତୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି ।

(୨) ସଂପୃକ୍ତ ବ୍ୟାପାରରେ ଆଇନ୍ ବଳରେ ସଂସଦ ଦ୍ୱାରା ଯଥୋଚିତ ବିନିଯୋଜନ ହେବା ପରେ କେନ୍ଦ୍ର ସରକାର ନିଜେ ଆବଶ୍ୟକ ମନେ କରୁଥିବା ଅର୍ଥରାଶିକୁ ଅନୁଦାନ କିମ୍ବା ଋଣ ଆକାରରେ ଜାତୀୟ ପାଣ୍ଠିରେ ଜମା କରିପାରନ୍ତି ।

(୩) ଜାତୀୟ ପାଣ୍ଠିରେ ଗଚ୍ଛିତ ହେଉଥିବା ଧନରାଶି ସେହି ପ୍ରକ୍ରିୟାରେ ଓ ସେହି ସର୍ତ୍ତ ଓ ସୀମାଗୁଡ଼ିକ ଭିତରେ ବିନିଯୋଗ ହେବ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ହୋଇପାରେ ।

**ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି**

**୨୧.** (୧) ସ୍କିମ୍‌ର କାର୍ଯ୍ୟନ୍ୱୟନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଜ୍ଞପ୍ତିପୂର୍ବକ ଏକ ପାଣ୍ଠି ପ୍ରତିଷ୍ଠା କରିବେ, ଯାହାର ନାମ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି ହେବ ।

(୨) ରାଜ୍ୟ ପାଣ୍ଠିରେ ଗଚ୍ଛିତ ହେଉଥିବା ଧନରାଶି ସେହି ପ୍ରକ୍ରିୟାରେ ଓ ସେହି ସର୍ତ୍ତ ଓ ସୀମାଗୁଡ଼ିକ ଭିତରେ ବ୍ୟୟିତ ହେବ, ଯାହାକି ଏହି ଆଇନ୍ ଓ ଏହା ଅଧୀନରେ ପ୍ରସ୍ତୁତ ସ୍କିମ୍‌ଗୁଡ଼ିକର କାର୍ଯ୍ୟାନ୍ୱୟନ ତଥା ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ପରିପ୍ରେକ୍ଷିରେ ପ୍ରଶାସନିକ ବ୍ୟୟକୁ ଭରଣା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିହିତ କରିପାରନ୍ତି ।

(୩) ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ପାଣ୍ଠି ଏଭଳି ଢଙ୍ଗରେ ଏବଂ ଏଭଳି କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଏବଂ ପ୍ରଶାସିତ ହେବ, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହୋଇପାରେ ।

**ପାଣ୍ଠି ଯୋଗାଣ ପଦ୍ଧତି**

**୨୨.** (୧) ସଂପୃକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ନିୟମାବଳୀ ଅଧୀନରେ ରହି କେନ୍ଦ୍ର ସରକାର ନିମ୍ନୋକ୍ତ ଖର୍ଚ୍ଚମାନ ବହନ କରିବେ, ଯଥା:-

(ଏ) ସ୍କିମ୍ ଅଧୀନରେ ଅଣକୁଶଳୀ ଶାରୀରୀକ କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ମଜୁରି ପ୍ରଦାନ ;

(ବି) ଅନୁସୂଚୀ ୨ର ବ୍ୟବସ୍ଥାଗୁଡ଼ିକ ଅଧୀନରେ ରହି କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରି ପ୍ରଦାନ ସମେତ ସ୍କିମ୍‌ର ସାମଗ୍ରୀ ଖର୍ଚ୍ଚର ଚାରିଭାଗରୁ ତିନିଭାଗ ;

(ସି) ସ୍କିମ୍‌ର ସମୁଦାୟ ବ୍ୟୟର ସେତିକି ଶତାଂଶ, ଯାହାକୁ କେନ୍ଦ୍ର ସରକାର ପ୍ରଶାସନିକ ବ୍ୟୟ ବାବଦରେ ଧାର୍ଯ୍ୟ କରିପାରନ୍ତି, ଏବଂ ଏହି ପ୍ରଶାସନିକ ବ୍ୟୟ ମଧ୍ୟରେ ଅନ୍ତର୍ଭୁକ୍ତ ହେବ କାର୍ଯ୍ୟକ୍ରମ ଅଧିକାରୀ ଓ ତାଙ୍କର ସହଯୋଗୀ କର୍ମଚାରୀମାନଙ୍କ ବେତନ ଓ ଭତ୍ତାସମୂହ, କେନ୍ଦ୍ରୀୟ ପରିଷଦର ପ୍ରଶାସନିକ ବ୍ୟୟ, ଅନୁସୂଚୀ-୨ରେ ସୂଚିତ ସୁବିଧାମାନ ଏବଂ ଅନ୍ୟ ସେହିସବୁ ବାବଦରେ, ଯାହାକୁ କେନ୍ଦ୍ର ସରକାର ସ୍ଥିର କରିପାରନ୍ତି ।

(୨) ରାଜ୍ୟ ସରକାର ନିମ୍ନୋକ୍ତ ଖର୍ଚ୍ଚମାନ ବହନ କରିବେ, ଯଥା :-

(ଏ) ସ୍କିମ୍ ଅଧୀନରେ ପ୍ରଦେୟ ବେକାରୀ ଭତ୍ତା ବାବଦ ଖର୍ଚ୍ଚ ;

(ବି) ଅନୁସୂଚୀ-୨ରେ ସ୍ଥାନିତ ବ୍ୟବସ୍ଥାମାନ ଅଧୀନରେ ରହି ସ୍କିମ୍‌ରେ ଥିବା ସାମଗ୍ରୀ ବାବଦ ମୋଟ୍ ଖର୍ଚ୍ଚର ଏକ ଚତୁର୍ଥାଂଶ, ଯେଉଁଥିରେ ଅନ୍ତର୍ଭୁକ୍ତ ହୋଇଥିବ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କୁ ମଜୁରି ପ୍ରଦାନ ;

(ସି) ରାଜ୍ୟ ପରିଷଦର ପ୍ରଶାସନିକ ଖର୍ଚ୍ଚ ।

**ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ**

**୨୩.** (୧) କାର୍ଯ୍ୟକ୍ରମ ସଂଯୋଜକ ଓ ଜିଲ୍ଲାରେ ଅନ୍ୟ ସମସ୍ତ କାର୍ଯ୍ୟକାରକ ସଂସ୍ଥାମାନଙ୍କୁ ସ୍କିମ୍‌ର କାର୍ଯ୍ୟାନ୍ୱୟନ ପାଇଁ ମିଳୁଥିବା ପାଣ୍ଠିର ଉପଯୁକ୍ତ ବିନିଯୋଗ ଓ ପରିଚାଳନା ପାଇଁ ସେମାନେ ଉତ୍ତରଦାୟୀ ରହିବେ ।

(୨) ଏହି ଆଇନ୍‌ର ବ୍ୟବସ୍ଥାସମୂହ ଏବଂ ଏହା ଅଧୀନରେ ପ୍ରସ୍ତୁତ ସ୍କିମ୍‌ଗୁଡ଼ିକ ପରିପ୍ରେକ୍ଷିରେ ଶ୍ରମିକମାନଙ୍କୁ ନିଯୁକ୍ତି ପ୍ରଦାନ ଏବଂ ବିଭିନ୍ନ ଖର୍ଚ୍ଚ ସମ୍ବନ୍ଧରେ ଉପଯୁକ୍ତ ଖାତାପତ୍ର ଓ ହିସାବ-ବିବରଣ କିଭଳି ରଖାଯିବ ତହିଁର ପଦ୍ଧତିକୁ ରାଜ୍ୟ ସରକାର ବିହିତ କରିପାରନ୍ତି ।

(୩) ରାଜ୍ୟ ସରକାର ନିୟମାବଳୀ ବଳରେ ସେହିସବୁ ବ୍ୟବସ୍ଥାଗୁଡ଼ିକୁ ଖଞ୍ଜିଦେବା ପାଇଁ ସ୍ଥିର କରିପାରନ୍ତି, ଯଦ୍ୱାରା ସ୍କିମ୍‌ସମୂହ ଓ ସେଗୁଡ଼ିକର ଅଧୀନସ୍ଥ କାର୍ଯ୍ୟକ୍ରମଗୁଡ଼ିକର ସୁଚାରୁ କାର୍ଯ୍ୟାନ୍ୱୟନ ହୋଇପାରିବ ତଥା ସ୍କିମ୍‌ଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରତି ସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିହେବ ।

(୪) ନଗଦ ଅର୍ଥ ମାଧ୍ୟମରେ ସମସ୍ତ ମଜୁରୀ ପ୍ରଦାନ ଓ ବେକାରୀ ଭତ୍ତାର ବିତରଣ ସିଧାସଳଖ ଭାବେ ସଂପୃକ୍ତ ବ୍ୟକ୍ତିଙ୍କୁ ପୂର୍ବ-ଘୋଷିତ ତାରିଖରେ ଏବଂ ସମାଜର ନିରପେକ୍ଷ ବ୍ୟକ୍ତିମାନଙ୍କ ଉପସ୍ଥିତିରେ କରାଯିବ ।

(୫) ଗ୍ରାମପଞ୍ଚାୟତ ଦ୍ୱାରା ସ୍କିମ୍‌ର କାର୍ଯ୍ୟାନ୍ୱୟନ ସଂକ୍ରାନ୍ତରେ କୌଣସି ପ୍ରକାର ବିବାଦ ବା ଅଭିଯୋଗ ଉଠିଲେ, ସେ ବିଷୟକୁ କାର୍ଯ୍ୟକ୍ରମ ଅଧିକାରୀଙ୍କ ବିଚାରାର୍ଥେ ପଠାଇ ଦିଆଯିବ ।

(୬) କାର୍ଯ୍ୟକ୍ରମ ଅଧିକାରୀ ନିଜ ହେପାଜତ୍‌ରେ ରଖିଥିବା ଏକ ଅଭିଯୋଗ ରେଜିଷ୍ଟରରେ ପ୍ରତ୍ୟେକ ଅଭିଯୋଗକୁ ଦରଜ କରିବେ ଏବଂ ପ୍ରତି ବିବାଦ ଏବଂ ଅଭିଯୋଗକୁ ଏହା ମିଳିବାର ସାତ ଦିନ ମଧ୍ୟରେ ଫଇସଲା କରିବେ ଏବଂ ଯଦି ଏହା ଏଭଳି କୌଣସି ବ୍ୟାପାର ହୋଇଥାଏ ଯାହାକି ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ସମାଧାନ ହେବା କଥା, ତେବେ ଅଭିଯୋଗକାରୀଙ୍କୁ ସୂଚନା ଦେବା ସହ ସଂପୃକ୍ତ ଅଭିଯୋଗଟିକୁ ସେହି କର୍ତ୍ତୃପକ୍ଷଙ୍କ ନିକଟକୁ ଅଭିପ୍ରେରଣ କରାଯିବ ।

**ହିସାବ ସମୀକ୍ଷା**

**୨୪.** (୧) ଭାରତର କମ୍ପଟ୍ରୋଲର୍ ଓ ଅଡିଟର୍-ଜେନେରାଲ୍ (ମହାହିସାବ ସମୀକ୍ଷକ)ଙ୍କ ସହ ପରାମର୍ଶ କରି କେନ୍ଦ୍ର ସରକାର ସ୍କିମ୍‌ର ପ୍ରତ୍ୟେକ ସ୍ତରରେ ଆୟବ୍ୟୟର ହିସାବ-ସମୀକ୍ଷା ଉଦ୍ଦେଶ୍ୟରେ ଉପଯୁକ୍ତ ବ୍ୟବସ୍ଥାମାନ ବିହିତ କରିପାରନ୍ତି ।

(୨) ସ୍କିମ୍‌ର ଆୟବ୍ୟୟ ଏଭଳି ପ୍ରକାରରେ ଏବଂ ପ୍ରଣାଳୀରେ ଅନୁରକ୍ଷଣ କରାଯିବ, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହୋଇପାରେ ।

## ଅଧ୍ୟାୟ – ୬: ବିବିଧ

**ଆଇନ୍ ଉଲଂଘନ ପାଇଁ ଦଣ୍ଡ ବ୍ୟବସ୍ଥା**

**୨୫.** ଏହି ଆଇନ୍‌ର ବିଧିବ୍ୟବସ୍ଥାକୁ କେହି ଯଦି ଉଲଂଘନ କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବା ପରେ ଜୋରିମାନା ଦେବାକୁ ବାଧ୍ୟ ହେବେ ଏବଂ ଏହି ଜୋରିମାନା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ।

**କ୍ଷମତାର୍ପଣ କରବାର କ୍ଷମତା**

**୨୬.** (୧) କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ନିର୍ଦ୍ଦେଶ ଦେଇ ପାରିବେ ଯେ, କେନ୍ଦ୍ର ସରକାରଙ୍କ ପ୍ରୟୋଗାଧୀନ କ୍ଷମତାବଳୀ(ନିୟମାବଳୀ ପ୍ରଣୟନର କ୍ଷମତା ବ୍ୟତୀତ)କୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ସେଭଳି କୌଣସି ଅଧସ୍ତନ ଅଧିକାରୀ ସେହିସବୁ ପରିସ୍ଥିତିରେ ଓ ସେହିସବୁ ସର୍ତ୍ତ ଓ ସୀମା ଭିତରେ ପ୍ରୟୋଗ କରିପାରିବେ, ଯାହାକି ସଂପୃକ୍ତ ବିଜ୍ଞପ୍ତିରେ ବିନିର୍ଦ୍ଦିଷ୍ଟ ହୋଇଥିବ ।

(୨) ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ନିର୍ଦ୍ଦେଶ ଦେଇ ପାରିବେ ଯେ, ରାଜ୍ୟ ସରକାରଙ୍କ ପ୍ରୟୋଗାଧୀନ କ୍ଷମତାବଳୀ (ନିୟମାବଳୀ ଓ ସ୍କିମ୍‌ସମୂହ ପ୍ରଣୟନର କ୍ଷମତା ବ୍ୟତୀତ)କୁ ରାଜ୍ୟ ସରକାରଙ୍କ ସେଭଳି କୌଣସି ଅଧସ୍ତନ ଅଧିକାରୀ ସେହିସବୁ ପରିସ୍ଥିତିରେ ତଥା ସେହିସବୁ ସର୍ତ୍ତ ଓ ସୀମାଗୁଡିକ ଭିତରେ ପ୍ରୟୋଗ କରିପାରନ୍ତି, ଯାହାକି ସଂପୃକ୍ତ ବିଜ୍ଞପ୍ତିରେ ବିନିର୍ଦ୍ଦିଷ୍ଟ ହୋଇଥିବ ।

**ନିର୍ଦ୍ଦେଶନାମା ଜାରୀ କରିବାରେ କେନ୍ଦ୍ର ସରକାରଙ୍କ କ୍ଷମତା**

**୨୭.** (୧) ଏହି ଆଇନ୍‌ର ବିଭିନ୍ନ ବ୍ୟବସ୍ଥାଗୁଡିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସେଭଳି ନିର୍ଦ୍ଦେଶନାମା ଦେଇ ପାରିବେ, ଯାହାକି ତାଙ୍କ ବିଚାରରେ ଆବଶ୍ୟକ ।

(୨) ଉପଧାରା (୧)ର ବ୍ୟବସ୍ଥାଗୁଡିକୁ ପ୍ରତିହତ ନକରି କେନ୍ଦ୍ର ସରକାର ଏହି ଆଇନ୍ ଅଧୀନସ୍ଥ କୌଣସି ସ୍କିମ୍ ବାବଦରେ ପ୍ରଦତ୍ତ ଅର୍ଥର ଆବଣ୍ଟନ କିମ୍ବା ଅନୁଚିତ୍ ବିନିଯୋଗ ହେଉଥିବା ସଂକ୍ରାନ୍ତରେ କୌଣସି ଅଭିଯୋଗ ପାଇଲା ପରେ ଯଦି ଅଭିଯୋଗର ଆପାତ-ପ୍ରମାଣ୍ୟତା ଉପରେ ତାଙ୍କର ହୃଦବୋଧ ହୁଏ ଯେ ତାହା ଏକ ଅନୁସନ୍ଧାନ-ସାପେକ୍ଷ ମାମଲା, ତେବେ ତାଙ୍କ ଦ୍ୱାରା ପଦନାମିତ ଯେ କୌଣସି ସଂସ୍ଥା ଦ୍ୱାରା ଅଭିଯୋଗଟିର ଅନୁସନ୍ଧାନ କରାଇ ପାରିବେ ଏବଂ ଆବଶ୍ୟକ ହେଲେ ସେହି ସ୍କିମ୍‌କୁ ଅର୍ଥ ପ୍ରଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇ ପାରିବେ ତଥା ଯଥୋଚିତ ସମୟସୀମା ଭିତରେ ସ୍କିମ୍‌ର ଯଥାର୍ଥ କାର୍ଯ୍ୟାନ୍ୱୟନ ପାଇଁ ସମୁଚିତ ପ୍ରତିକାରାତ୍ମକ ପଦକ୍ଷେପମାନ ଗ୍ରହଣ କରିପାରିବେ ।

**ଆଇନ୍‌ର ଅତିକ୍ରମଣ ପ୍ରଭାବ**

**୨୮.** ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ବା ତାଦୃଶ ଆଇନ୍ ବଳରେ ପ୍ରଭାବ ବହନ କରିଥିବା କୌଣସି ବିଧିବିଧାନରେ ଯାହା କିଛି ଅସଂଗତ ଥାଉନା କାହିଁକି ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ଏବଂ ଏହା ଅଧୀନରେ ପ୍ରସ୍ତୁତ ସ୍କିମ୍‌ଗୁଡିକ ହିଁ ପ୍ରଭାବଶାଳୀ ରହିବ:

**ପରନ୍ତୁ,** ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ସହ ସଂଗତି ରକ୍ଷାକରି ଯଦି ଗ୍ରାମାଞ୍ଚଳର ପରିବାରମାନଙ୍କୁ ଅଣକୁଶଳୀ ଶାରୀରିକ କାର୍ଯ୍ୟଭିତ୍ତିକ କର୍ମନିଯୁକ୍ତିର ଗ୍ୟାରେଣ୍ଟି ଦେଉଥିବା କୌଣସି ରାଜ୍ୟ ଆଇନ୍ ବଳବତ୍ତର ଥାଏ କିମ୍ବା ପ୍ରଣୀତ ହେଉଥାଏ, ଏବଂ ଯଦି ଏହି ଆଇନ୍‌ରେ ପ୍ରଦତ୍ତ ଗ୍ୟାରେଣ୍ଟି ତୁଳନାରେ

ପରିବାରମାନଙ୍କ ପ୍ରାପ୍ୟ କମ୍ ହେଉନଥାଏ ଏବଂ କର୍ମନିଯୁକ୍ତିର ସର୍ତ୍ତାବଳୀ ନିକୃଷ୍ଟ ହେଉନଥାଏ, ତେବେ ସଂପୃକ୍ତ ରାଜ୍ୟ ସରକାର ନିଜସ୍ୱ ଆଇନ୍‌କୁ କାର୍ଯ୍ୟକାରୀ କରିପାରିବାର ବିକଳ୍ପ ମାର୍ଗ ଗ୍ରହଣ କରିପାରିବେ:

**ପୁଣି ପରନ୍ତୁ,** ଏପରି ସ୍ଥଳେ ସଂପୃକ୍ତ ରାଜ୍ୟ ସରକାରଙ୍କୁ ଆର୍ଥିକ ସହାୟତା ସେଭଳି ରୀତିରେ ଯୋଗାଇ ଦିଆଯିବ, ଯାହାକି କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ ଏବଂ ଏହା କଦାପି ସେହି ପରିମାଣ ଠାରୁ ଟପିବନି, ଯାହାକି ଏହି ଆଇନ୍ ଅଧୀନସ୍ଥ ସ୍କିମ୍‌କୁ କାର୍ଯ୍ୟକାରୀ କରିବାକୁ ଯାଇ ସେହି ରାଜ୍ୟ ଏହି ଆଇନ୍ ଅନୁସାରେ ପାଇବାକୁ ହକ୍‌ଦାର ହୋଇଥାନ୍ତା ।

**ଅନୁସୂଚୀଗୁଡ଼ିକର ସଂଶୋଧନ ପାଇଁ କ୍ଷମତା**

**୨୯.** (୧) ଯଦି କେନ୍ଦ୍ର ସରକାର ହୃଦ୍‌ବୋଧ କରନ୍ତି ଯେ, ଅନୁସୂଚୀ-୧ ବା ଅନୁସୂଚୀ-୨କୁ ସଂଶୋଧନ କରିବା ଆବଶ୍ୟକ ବା ଜରୁରୀ, ତେବେ ସେ ବିଜ୍ଞପ୍ତି ପୂର୍ବକ ତାହା କରିପାରନ୍ତି, ଏବଂ ତତ୍‌ପରେ ଯଥାସ୍ଥିତି ଅନୁସୂଚୀ-୧ ବା ଅନୁସୂଚୀ-୨ ତଦନୁସାରେ ସଂଶୋଧିତ ହୋଇଗଲା ବୋଲି ଧରି ନିଆଯିବ ।

(୨) ଉପଧାରା (୧) ଅନୁସାରେ ପ୍ରକାଶିତ ପ୍ରତି ବିଜ୍ଞପ୍ତିର ନକଲକୁ ବିଜ୍ଞପ୍ତି ଜାରି ହେବା ପରେପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ ।

**ସଦ୍‌ବିଶ୍ୱାସରେ ଆଚରିତ କାର୍ଯ୍ୟ ପାଇଁ ସୁରକ୍ଷା**

**୩୦.** ଏହି ଆଇନ୍ ବା ଏହା ଅଧୀନରେ କାର୍ଯ୍ୟକାରୀ ହେଉଥିବା ନିୟମାବଳୀ ବା ସ୍କିମ୍ ଅନୁଯାୟୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ବା ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୨୧ ଅନୁସାରେ 'ଜନସେବକ' ହୋଇଥିବା ବା 'ଜନସେବକ' ବୋଲି ବିବେଚିତ ହେଉଥିବା କୌଣସି ବ୍ୟକ୍ତି ଯଦି ଏହି ଆଇନ୍ ବା ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅଧୀନରେ ସଦ୍‌ବିଶ୍ୱାସ ସହ କିଛି କରିଥାନ୍ତି ବା କରିବାକୁ ଚାହିଁଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା, ଅଭିଯୋଜନ ବା ଅନ୍ୟ କାନୁନୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇପାରିବନି ।

**ନିୟମାବଳୀ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା**

**୩୧.** (୧) କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଏବଂ ପୂର୍ବ-ପ୍ରକାଶନର ବିଧିକୁ ଅନୁପାଳନ ପୂର୍ବକ ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମିତ୍ତ ନିୟମାବଳୀ ପ୍ରଣୟନ କରି ପାରନ୍ତି ।

(୨) ବିଶେଷ କରି ତଥା ପୂର୍ବବର୍ଣ୍ଣିତ କ୍ଷମତାକୁ କ୍ଷୁର୍ଣ୍ଣ ନକରି ଏହି ନିୟମାବଳୀ ନିମ୍ନମତେ ସମସ୍ତ କିମ୍ବା ଯେ କୌଣସି ବିଷୟ ଉପରେ ବ୍ୟବସ୍ଥା କରିପାରେ, ଯଥା –

(ଏ)ଧାରା ୧୦ର ଉପଧାରା (୩) ଅନ୍ତର୍ଗତ ଅଣଉପଧାରା (୧) ଅନୁସାରେ ରାଜ୍ୟ ସରକାରଙ୍କ ପ୍ରତିନିଧି ସଂଖ୍ୟା;

(ବି)ଧାରା୧୦ର ଉପଧାରା(୪) ଅଧୀନରେ କେନ୍ଦ୍ରୀୟ ପରିଷଦର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନଙ୍କ ନିଯୁକ୍ତିର ଆଧାର ଓ ସର୍ତ୍ତାବଳୀ,କେନ୍ଦ୍ରୀୟ ପରିଷଦର ବୈଠକଗୁଡ଼ିକର ସମୟ, ସ୍ଥାନ ଓ ପରିଚାଳନା ପଦ୍ଧତି (ଏଭଳି ବୈଠକରେ ସର୍ବନିମ୍ନ ଉପସ୍ଥିତି ପ୍ରସଙ୍ଗ ସମେତ);

(ସି) ଧାରା ୨୦ର ଉପଧାରା (୩) ଅଧୀନସ୍ଥ ଜାତୀୟ ପାଣ୍ଠି କେଉଁ ରୀତିରେ ଏବଂ କି କି ସର୍ତ୍ତ ଓ ସୀମା ଭିତରେ ବିନିଯୁକ୍ତ ହେବ ;

(ଡି) ଧାରା ୨୨ର ଉପଧାରା (୧) ଅଧୀନରେ କେତେକ ନିର୍ଦ୍ଦିଷ୍ଟ ବ୍ୟାପାରରେ ଖର୍ଚ୍ଚ ତୁଲେଇବା ପାଇଁ ଅର୍ଥ ନିୟୋଜନ ପଦ୍ଧତି ସଂକ୍ରାନ୍ତୀୟ ନିୟମାବଳୀ ;

(ଇ) ଅନ୍ୟ ଯେ କୌଣସି ବିଷୟ, ଯାହା ସମ୍ବନ୍ଧରେ କେନ୍ଦ୍ର ସରକାର ବିହିତ କରିବେ ବା କରିପାରନ୍ତି, ବା ଯାହା ସମ୍ବନ୍ଧରେ କେନ୍ଦ୍ର ସରକାର ନିୟମାବଳୀ ଜରିଆରେ ବ୍ୟବସ୍ଥାମାନ ପ୍ରଣୟନ କରିବା କଥା ।

**ନିୟମାବଳୀ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ଷମତା**

**୩୨.** (୧) ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏବଂ ପୂର୍ବ-ପ୍ରକାଶନର ବିଧିକୁ ଅନୁପାଳନ ପୂର୍ବକ ତଥା ଏହି ଆଇନ୍ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ସହ ସଂଗତି ରଖି ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରି ପାରନ୍ତି ।

(୨) ବିଶେଷ କରି ତଥା ପୂର୍ବବର୍ଣ୍ଣିତ କ୍ଷମତାକୁ କ୍ଷୁର୍ଣ୍ଣ ନକରି ଏହି ନିୟମାବଳୀ ନିମ୍ନମତେ ସମସ୍ତ କିମ୍ବା ଯେ କୌଣସି ବିଷୟ ଉପରେ ବ୍ୟବସ୍ଥା କରିପାରେ, ଯଥା –

(ଏ)ଧାରା ୭ର ଉପଧାରା (୨) ଅଧୀନରେ ବେକାରୀ ଭତ୍ତା ପାଇବା ପାଇଁ ଯେଉଁ ଆଧାର ଓ ସର୍ତ୍ତାବଳୀ ଭିତ୍ତିରେ ଯୋଗ୍ୟତା ନିରୂପଣ କରାଯିବ;

(ବି) ଧାରା ୭ର ଉପଧାରା (୬) ଅଧୀନରେ ବେକାରୀ ଭତ୍ତା ବିତରଣର ପ୍ରକ୍ରିୟା;

(ସି) ଧାରା ୧୨ର ଉପଧାରା (୨) ଅଧୀନରେ ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଅନ୍ୟ ସଦସ୍ୟମାନଙ୍କ ନିଯୁକ୍ତିର ଆଧାର ଓ ସର୍ତ୍ତାବଳୀ, ରାଜ୍ୟ ପରିଷଦର ବୈଠକଗୁଡିକର ସମୟ, ସ୍ଥାନ ଓ ପରିଚାଳନା ପଦ୍ଧତି (ଏଭଳି ବୈଠକରେ ସର୍ବନିମ୍ନ ଉପସ୍ଥିତି ପ୍ରସଙ୍ଗ ସମେତ);

(ଡି) ଧାରା ୧୯ ଅଧୀନରେ ବ୍ଲକ୍ ଓ ଜିଲ୍ଲା ସ୍ତରରେ ଅଭିଯୋଗ ଫଇସଲାର ବ୍ୟବସ୍ଥା ଏବଂ ଏହି ସଂକ୍ରାନ୍ତରେ ଅନୁସୃତ ହେବାକୁ ଥିବା ପ୍ରକ୍ରିୟା;

(ଇ) ଧାରା ୨୧ର ଉପଧାରା (୨) ଅଧୀନସ୍ଥ ରାଜ୍ୟ ପାଣ୍ଠି କେଉଁ ରୀତିରେ ଏବଂ କେଉଁ ସର୍ତ୍ତ ଓ ସୀମା ଭିତରେ ବିନିଯୁକ୍ତ ହେବ ;

(ଏଫ୍)ଧାରା ୨୧ର ଉପଧାରା (୩) ଅଧୀନରେ ରାଜ୍ୟ ପାଣ୍ଠିର ପ୍ରଶାସନ କେଉଁ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ରହିବ ଏବଂ କେଉଁ ରୀତିରେ ସେ ଏହାର ପରିଚାଳନା କରିବେ;

(ଜି) ଧାରା ୨୩ର ଉପଧାରା (୨) ଅଧୀନରେ ଶ୍ରମିକ ନିଯୁକ୍ତି ଓ ତଦ୍‌ଜନିତ ଖର୍ଚ୍ଚର ହିସାବ-ଖାତା କେଉଁ ପଦ୍ଧତିରେ ରଖାଯିବ;

(ଏଚ୍)ଧାରା ୨୩ର ଉପଧାରା (୩) ଅଧୀନରେ ସ୍କିମ୍‌ଗୁଡିକର ଯଥାର୍ଥ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ବ୍ୟବସ୍ଥାମାନ ;

(ଆଇ)ଧାରା ୨୪ର ଉପଧାରା (୨) ଅନୁସାରେ ସ୍କିମ୍‌ର ହିସାବପତ୍ର କେଉଁ ରୀତି ଓ ପଦ୍ଧତିରେ ରଖାଯିବ ;

(ଜେ)ଅନ୍ୟ କୌଣସି ବିଷୟ, ଯାହା ଉପରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ ଜରିଆରେ ବିହିତ କରିବା କଥା କିମ୍ବା କରିପାରନ୍ତି, ବା ଯାହା ଉପରେ ବ୍ୟବସ୍ଥା କରାଯିବ ।

**ନିୟମାବଳୀ ଓ ସ୍କିମ୍‌ଗୁଡିକର ଉପସ୍ଥାପନ**

**୩୩.** (୧) ଏହି ଆଇନ୍ ଅଧିନରେ କେନ୍ଦ୍ର ସରକାରଙ୍କ ପ୍ରସ୍ତୁତ ପ୍ରତି ନିୟମ ପ୍ରସ୍ତୁତିର ପରେପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ, ଯେତେବେଳେ କି ସଂପୃକ୍ତ ଗୃହ ମୋଟ୍ ଉପରେ ଏପରି ୩୦ଦିନ ପାଇଁ ବସୁଥିବ ଯାହାକି ଗୋଟିଏ ବା ତତୋଧିକ ଅଧିବେଶନରେ ଅନୁକ୍ରମିକ ଭାବେ ବ୍ୟାପ୍ତ ହୋଇ ଥାଇପାରେ, ଉପସ୍ଥାପନା କରାଯିବ, ଏବଂ ଯଦି ପୂର୍ବୋକ୍ତ ସେହି ଅଧିବେଶନ ବା ଅନୁକ୍ରମିକ ଅଧିବେଶନର ଠିକ୍ ପରେ ଅନୁଷ୍ଠିତ ଅଧିବେଶନ ସମାପ୍ତ ହେବା ପରେ ଉଭୟ ଗୃହ ସଂପୃକ୍ତ ନିୟମରେ କୌଣସି ସଂଶୋଧନ ପାଇଁ ସହମତ ହୁଅନ୍ତି, ବା ଉଭୟ ଗୃହ ସହମତ ହୁଅନ୍ତି ଯେ ଏପରି ନିୟମ ପ୍ରଣୟନର ଆବଶ୍ୟକ ନାହିଁ, ତେବେ ତତ୍‌ପଶ୍ଚାତ୍ ସେହି ନିୟମ ଯଥାସ୍ଥିତି କେବଳ ସଂଶୋଧିତ ରୂପରେ ପ୍ରଭାବ ବହନ କରିବ, ବା ମୋଟେ ପ୍ରଭାବ ବହନ କରିବନି, କିନ୍ତୁ ଏପରି କୌଣସି ସଂଶୋଧନ ବା ପ୍ରତ୍ୟାଖ୍ୟାନ ଫଳରେ ସେହି ନିୟମ ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବିଧିମାନ୍ୟତା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବନି ।

୨. ଏହି ଆଇନ୍ ଅଧୀନରେ ରାଜ୍ୟ ସରକାରଙ୍କ ପ୍ରଣୀତ ପ୍ରତି ନିୟମ ବା ସ୍କିମ୍ ଏହାର ପ୍ରସ୍ତୁତି ପରେପରେ ଯଥାଶୀଘ୍ର ଦୁଇ ଗୃହ ବିଶିଷ୍ଟ ରାଜ୍ୟ ବିଧାୟିକାର ପ୍ରତି ଗୃହରେ କିମ୍ବା ଗୋଟିଏ ଗୃହ ବିଶିଷ୍ଟ ରାଜ୍ୟ ବିଧାୟିକାର ସେହି ଗୃହରେ ଉପସ୍ଥାପନ କରାଯିବ ।

**ଅସୁବିଧା ମୋଚନ ପାଇଁ କ୍ଷମତା**

**୩୪.** (୧) ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବାରେ ଯଦି କିଛି ଅସୁବିଧା ଦେଖାଦିଏ, ତେବେ ତାକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ବା ଜରୁରୀ ମନେ କଲେ ସରକାରୀ ଗେଜେଟ୍‌ରେ ଆଦେଶନାମା ଜାରି କରି ସେଭଳି ବ୍ୟବସ୍ଥାମାନ ଗ୍ରହଣ କରିପାରିବେ, ଯାହାକି ଏହି ଆଇନ୍‌ର ବ୍ୟବସ୍ଥାମାନ ସହ ଅସଂଗତ ହେଉନଥିବ ।

ପରନ୍ତୁ ଏହି ଆଇନ୍ ଲାଗୁ ହେବାର ତିନି ବର୍ଷ ପରେ, ଏହି ଧାରା ଅନୁସାରେ କୌଣସି ଆଦେଶନାମା ଜାରି ହୋଇପାରିବ ନାହିଁ ।

(୨) ଏହି ଧାରା ଅଧିନରେ ଜାରି ହେବାକୁ ଥିବା ପ୍ରତି ଆଦେଶନାମା, ଏହା ପ୍ରସ୍ତୁତି ହେବା ପରେପରେ ଯଥା ଶୀଘ୍ର ସଂସଦର ପ୍ରତି ଗୃହରେ ଉପସ୍ଥାପନା କରାଯିବ ।

# ଅନୁସୂଚୀ - ୧

## [ଧାରା ୪ (୩) ଦେଖନ୍ତୁ]

**ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ର ସର୍ବନିମ୍ନ ବୈଶିଷ୍ଟ୍ୟମାନ**

୧. ସ୍କିମ୍‌ର ପ୍ରାଧାନ୍ୟ କ୍ରମାନ୍ୱୟରେ ନିମ୍ନୋକ୍ତ କାର୍ଯ୍ୟଗୁଡିକ ଉପରେ ଅଗ୍ରାଧିକାର ପ୍ରଦାନ କରିବ:

(ଏ) ଜଳ ସଂରକ୍ଷଣ ଓ ଜଳ ଅମଳ;

(ବି) ମରୁଡି ନିରାକରଣ (ବନୀକରଣ ଓ ବୃକ୍ଷରୋପଣ ସମେତ);

(ସି)ଅଣୁ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟ ସମେତ ଜଳସେଚନ କେନାଲ;

(ଡି)ଅନୁସୂଚୀତ ଜାତି ଓ ଜନଜାତିର ପରିବାରବର୍ଗ, ଭୂ-ସଂସ୍କାରର ହିତାଧିକାରୀ ବା ଭାରତ ସରକାରଙ୍କ ଇନ୍ଦିରା ଆବାସ ଯୋଜନାର ହିତାଧିକାରୀଙ୍କ ଜମିକୁ ଜଳସେଚନର ସୁବିଧା ଯୋଗାଣ ;

(ଇ)ପୋତି ହୋଇ ପଡିଥିବା ପୁଷ୍କରିଣୀର ଖନନ ସମେତ ପାରମ୍ପରିକ ଜଳ ଭଣ୍ଡାରଗୁଡିକର ପୁନରୁଦ୍ଧାର ;

(ଏଫ୍) ଭୂ-ଉନ୍ନୟନ ;

(ଜି)ବନ୍ୟା ନିୟନ୍ତ୍ରଣ ଏବଂ ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ସମେତ ବନ୍ଧବାଡ କାର୍ଯ୍ୟ ;

(ଏଚ୍)ସବୁ ଦିନିଆ ଗମନାଗମନର ସୁବିଧା ପାଇଁ ଗ୍ରାମାଞ୍ଚଳ ସଂଯୋଗୀକରଣ ;

(ଆଇ)ରାଜ୍ୟ ସରକାରଙ୍କ ସହ ପରାମର୍ଶ କ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ଅନ୍ୟ ଯେ କୌଣସି କାର୍ଯ୍ୟ ।

୨. ଦୀର୍ଘସ୍ଥାୟୀ ସମ୍ପଦସୃଷ୍ଟି ଏବଂ ଗ୍ରାମାଞ୍ଚଳର ଗରୀବଙ୍କ ଜୀବିକା ପାଇଁ ସାଧନସ୍ରୋତକୁ ଦୃଢ଼ୀଭୂତ କରିବା ଏହି ସ୍କିମ୍‌ର ଏକ ମୁଖ୍ୟ ଉଦ୍ଦେଶ୍ୟ ।

୩. ଏହି ସ୍କିମ୍ ଅଧୀନରେ କାର୍ଯ୍ୟମାନ କେବଳ ଗ୍ରାମଞ୍ଚଳରେ ହିଁ କରାଯିବ ।

୪. ବିଭିନ୍ନ ଅଞ୍ଚଳରେ ଦୀର୍ଘସ୍ଥାୟୀ ସମ୍ପତ୍ତି ସୃଷ୍ଟି ଲାଗି ସଂପୃକ୍ତ ଅଞ୍ଚଳର ବିଭିନ୍ନ ବଛାବଛା କାର୍ଯ୍ୟର ଏକ ତାଲିକା ରାଜ୍ୟ ପରିଷଦ ପ୍ରସ୍ତୁତ କରିବ ।

୫. ଏହି ସ୍କିମ୍ ଅଧୀନରେ ନିର୍ମିତ ସର୍ବସାଧାରଣ ସମ୍ପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ନିଜର ନିୟମାବଳୀରେ ସମୁଚିତ ବ୍ୟବସ୍ଥାମାନ ପ୍ରସ୍ତୁତ କରିବେ, ଏବଂ ସମଗ୍ର ସ୍କିମ୍ ଏହି ବ୍ୟବସ୍ଥାଗୁଡ଼ିକୁ ମାନିକରି ପରିଚାଳିତ ହେବ ।

୬. ନିର୍ଦ୍ଧାରିତ ମଜୁରି ହାର ଠାରୁ ଶ୍ରମିକମାନଙ୍କୁ କୌଣସି ପରିସ୍ଥିତିରେ କମ୍ ଦିଆଯାଇ ପାରିବ ନାହିଁ ।

୭. ଯେଉଁ ସ୍ଥଳେ ମଜୁରିର ପରିମାଣ କାର୍ଯ୍ୟର ପରିମାଣ ସହ ପ୍ରତ୍ୟକ୍ଷଭାବେ ସଂଯୁକ୍ତ, ସେପରି ସ୍ଥଳେ ରାଜ୍ୟ ପରିଷଦ ସହ ପରାମର୍ଶ କରି ରାଜ୍ୟ ସରକାର ବର୍ଷକ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟ ପାଇଁ ଯେଉଁ ମଜୁରି ହାରର ଅନୁସୂଚୀ ପ୍ରସ୍ତୁତ କରିଥିବେ, ସେହି ଅନୁସୂଚୀ ଅନୁଯାୟୀ ମଜୁରି ପ୍ରଦାନ କରାଯିବ ।

୮. ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ମଜୁରି ହାର ଏଭଳି ସ୍ଥିର କରାଯିବ, ଯେପରି କି ସାତ ଘଣ୍ଟା କାମ କରିଥିବା ଜଣେ ବ୍ୟକ୍ତି ସାଧାରଣତଃ ମଜୁରି ହାର ସହିତ ସମାନ ମଜୁରି ପାଇପାରିବ ।

୯. ଗୋଟିଏ ସ୍କିମ୍ ଅଧୀନରେ କାର୍ଯ୍ୟାନ୍ୱିତ ପ୍ରକଳ୍ପଗୁଡିକର ସାମଗ୍ରୀ ବାବଦ ବ୍ୟୟ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରି ସମେତ ପ୍ରକଳ୍ପଗୁଡିକ ପିଛା ମୋଟ୍ ବ୍ୟୟର ଶତକଡା ୪୦ରୁ ଅଧିକ ହେବନାହିଁ ।

୧୦. ଏହି ସ୍କିମ୍ ଅନୁମୋଦିତ କୌଣସି ପ୍ରକାର କାର୍ଯ୍ୟ କରିବାକୁ କାର୍ଯ୍ୟକ୍ରମ ଅଧିକାରୀ ଓ ଗ୍ରାମପଞ୍ଚାୟତ କର୍ମନିଯୁକ୍ତି ପାଇଁ ଦରଖାସ୍ତ କରିଥିବା ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇପାରିବେ ।

୧୧. କୌଣସି ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବାରେ କୌଣସି ଠିକାଦାରଙ୍କୁ ମୁତୟନ କରିବା ପାଇଁ ସ୍କିମ୍ ଅନୁମତି ଦେବନାହିଁ ।

୧୨. ସ୍କିମ୍ ପାଣ୍ଠିରୁ କାର୍ଯ୍ୟକାରୀ ହେଉଥିବା ଗୋଟିଏ କାର୍ଯ୍ୟ ଯଥାସମ୍ଭବ ଶାରୀରୀକ ଶ୍ରମ ଦ୍ୱାରା ସମ୍ପାଦିତ ହେବ, ଯନ୍ତ୍ର ଦ୍ୱାରା ନୁହେଁ ।

୧୩. କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରାବଧାନମାନ ସ୍କିମ୍‌ରେ ଅନ୍ତର୍ଭୁକ୍ତ ରହିବ ।

୧୪. ଏହି ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟାବଳୀକୁ ନିୟମିତ ନିରୀକ୍ଷଣ ଓ ପରିବେକ୍ଷଣ କରାଯିବାର ବ୍ୟବସ୍ଥାମାନ ରଖାଯିବ, ଯାହାର ଉଦ୍ଦେଶ୍ୟ ହେଉଛି, କାର୍ଯ୍ୟର ଗୁଣାତ୍ମକ ମାନ ଠିକ୍ ରଖିବା ତଥା ଗୋଟିଏ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ବ୍ୟୟ କରାଯାଇଥିବା ମୋଟ୍ ମଜୁରି ତୁଳନାରେ ସମ୍ପାଦିତ କାର୍ଯ୍ୟର ଗୁଣ ଓ ପରିମାଣ ସମାନାନୁପାତିକ ହୋଇଛି ।

୧୫. ସ୍କିମ୍‌କୁ କାର୍ଯ୍ୟକାରୀ କରୁଥିବା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ଓ ଗ୍ରାମ ପଞ୍ଚାୟତ ନିଜନିଜ ପରିସରରେ ବା ଅଞ୍ଚଳରେ ସ୍କିମ୍‌ର କାର୍ଯ୍ୟାନ୍ୱୟନ ସଂକ୍ରାନ୍ତୀୟ ତଥ୍ୟ ଓ ପରିସଂଖ୍ୟାନ ଏବଂ ସୁଫଳ ସମ୍ବନ୍ଧରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଏବଂ ଏହାର ନକଲ ସର୍ବସାଧାରଣଙ୍କୁ ସେମାନେ ଚାହିଁବା ମୁତାବକ ଉପଲବ୍ଧ କରାଇବେ ଏବଂ ଏଥିସକାଶେ ଏକ ଫିସ୍ ସ୍କିମ୍‌ରେ ବିହିତ ହୋଇପାରେ ।

୧୬. ଏହି ସ୍କିମ୍ ସଂବନ୍ଧୀୟ ସମସ୍ତ ହିସାବ ଓ ରେକର୍ଡ ସର୍ବସାଧାରଣଙ୍କ ତର୍ଜମା ପାଇଁ ଉପଲବ୍ଧ ହେବ ଏବଂ କୌଣସି ବ୍ୟକ୍ତି ଏହି ଏହାର ନକଲ କିମ୍ବା ତା'ର ଏକ ଅଂଶବିଶେଷର ନକଲ ନେବାକୁ ଚାହିଁଲେ, ତାଙ୍କ ଠାରୁ ସ୍କିମ୍‌ରେ ବିନିର୍ଦ୍ଦିଷ୍ଟ ଫିସ୍ ଆଦାୟ ପୂର୍ବକ ତହିଁର ନକଲ ତାଙ୍କୁ ଯୋଗାଇ ଦିଆଯିବ ।

୧୭. ପ୍ରତ୍ୟେକ ସ୍କିମ୍ ଓ ଏକ ସ୍କିମ୍ ଅଧୀନରେ ପ୍ରତି ପ୍ରକଳ୍ପର 'ମଷ୍ଟର ରୋଲ୍' ଗ୍ରାମ ପଞ୍ଚାୟତ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯେ କୌଣସି ଇଚ୍ଛୁକ ବ୍ୟକ୍ତିଙ୍କ ନିରୀକ୍ଷଣ ପାଇଁ ରଖାଯିବ ଏବଂ ସ୍କିମ୍ ଅଧୀନରେ ନିର୍ଦ୍ଧାରିତ ଫିସ୍ ଦାଖଲ କରି ସେହି ବ୍ୟକ୍ତି ନିରୀକ୍ଷଣ କରିପାରନ୍ତି ।

## ଅନୁସୂଚୀ - ୨

### (ଧାରା ୫ ଦେଖନ୍ତୁ)

### ଏକ ସ୍କିମ୍ ଅଧୀନରେ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ଗ୍ୟାରେଣ୍ଟିର ସର୍ତ୍ତାବଳୀ ଓ ଶ୍ରମିକମାନଙ୍କର ସର୍ବନିମ୍ନ ପ୍ରାପ୍ୟସମୂହ

୧. ପ୍ରତି ପରିବାରର ସାବାଳକ ସଦସ୍ୟମାନେ, ଯେ କି -

(କ) ଗ୍ରାମାଞ୍ଚଳରେ ରହୁଥିବେ, ଓ

(ଖ) ଅଣକୁଶଳୀ ଶାରିରୀକ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବେ,

ସେ କାର୍ଯ୍ୟପତ୍ର ପାଇବା ସକାଶେ ନିଜ ପରିବାରକୁ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ସେହି ଗ୍ରାମ ସ୍ତରୀୟ ଗ୍ରାମ ପଞ୍ଚାୟତ (ଏହାପରେ ଏହି ଅନୁସୂଚୀରେ 'ଗ୍ରାମ ପଞ୍ଚାୟତ' ବୋଲି କୁହାଯିବ), ନିକଟରେ ନିଜର ନାମ, ବୟସ ଓ ପରିବାରର ଠିକଣା ଦାଖଲ କରିବେ, ଯାହାର ପରିସୀମା ଭିତରେ ସେ ବସବାସ କରୁଥିବେ ।

୨. ନିଜେ ଯଥାର୍ଥ ମନେକରୁଥିବା ଢଙ୍ଗରେ ଯାଞ୍ଚ କରିସାରି ସଂପୃକ୍ତ ପରିବାରକୁ ପଞ୍ଜିକରଣ କରିବା ଏବଂ କାର୍ଯ୍ୟପତ୍ର ନିର୍ଗମନ କରିବା ହେଉଛି ଗ୍ରାମ ପଞ୍ଚାୟତର କର୍ତ୍ତବ୍ୟ, ଏବଂ ଏହି କାର୍ଯ୍ୟପତ୍ରରେ ପରିବାରର ସାବାଳକ ସଦସ୍ୟମାନଙ୍କ ସମ୍ବନ୍ଧରେ ସେହିସବୁ ତଥ୍ୟ ସାଙ୍ଗକୁ ସେମାନଙ୍କ ଫଟୋଚିତ୍ର ସ୍ଥାନିତ ହୋଇଥିବ, ଯାହାକି ରାଜ୍ୟସରକାରଙ୍କ ଦ୍ୱାରା ସ୍କିମ୍ ଅଧୀନରେ ବିନିର୍ଦ୍ଦିଷ୍ଟ ହୋଇଥିବ ।

୩. ଅନୁଚ୍ଛେଦ-୨ ଅଧୀନରେ କରାଯାଇଥିବା ପଞ୍ଜିକରଣର ସମୟାବଧି ତାହାହିଁ ହେବ, ଯାହାକି ସ୍କିମ୍ ଅଧୀନରେ ସୂଚିତ କରାଯିବ, କିନ୍ତୁ କୌଣସି କ୍ଷେତ୍ରରେ ଏହା ପାଞ୍ଚ ବର୍ଷରୁ କମ୍ ହେବ ନାହିଁ ଏବଂ ସମୟାନ୍ତରରେ ଏହାର ନବୀକରଣ କରା ଯାଇପାରେ ।

୪. ପଞ୍ଜିକୃତ ପରିବାରର ପ୍ରତ୍ୟେକ ସାବାଳକ ସଦସ୍ୟ, ଯାହାଙ୍କ ନାମ କାର୍ଯ୍ୟପତ୍ରରେ ସୂଚିତ ଥିବ, ସେ ଏହି ସ୍କିମ୍ ଅଧୀନରେ ଅଣକୁଶଳୀ ଶାରରୀକ କାର୍ଯ୍ୟ କରିବା ପାଇଁ ଆବେଦନ କରିବାକୁ ହକ୍‌ଦାର ହେବେ ।

୫. ଏହି ଆଇନ୍‌ର ପ୍ରାବ୍ଧାନଗୁଡିକ ଅଧୀନରେ ପ୍ରସ୍ତୁତ ହୋଇଥିବା ସ୍କିମ୍ ଅନୁଯାୟୀ ପରିବାରର ପ୍ରତି ପଞ୍ଜିକୃତ ବ୍ୟକ୍ତି କର୍ମନିଯୁକ୍ତି ପାଇବାକୁ ହକ୍‌ଦାର ହେବେ, ଏବଂ ଯେତେ ଦିନର କାର୍ଯ୍ୟପାଇଁ ସେ ଆବେଦନ କରିଥିବେ, ସେତେଦିନର କାର୍ଯ୍ୟ ତାଙ୍କୁ ମିଳିବ, କିନ୍ତୁ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷ ଭିତରେ ଗୋଟିଏ ପରିବାର ପିଛା ସର୍ବାଧିକ ଶହେଦିନର କାମ ଯୋଗାଇ ଦିଆଯିବ ।

୬. କାର୍ଯ୍ୟକ୍ରମ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, ସ୍କିମ୍‌ର ପ୍ରାବ୍ଧାନମାନ ଅନୁସାରେ ଅନୁଚ୍ଛେଦ-୫ରେ ସୂଚିତ ହୋଇଥିବା ପ୍ରତି ଦରଖାସ୍ତକାରୀଙ୍କୁ ଅଣକୁଶଳୀ ଶାରୀରିକ କାର୍ଯ୍ୟ ଯୋଗାଇ ଦିଆଯିବ, ତାଙ୍କଠାରୁ ଦରଖାସ୍ତ ମିଳିବାର ୧୫ ଦିନ ମଧ୍ୟରେ ବା କେଉଁ ତାରିଖରୁ ସେ କାମ ଚାହୁଁଛନ୍ତି ତାହା ସୂଚେଇ ଯଦି ସେ ଅଗ୍ରୀମ ଦରଖାସ୍ତ ଦେଇଥିବେ, ତେବେ ଏହି ଦୁଇଟି ତାରିଖରୁ ଯେଉଁ ତାରିଖଟି ସମୟାନୁକ୍ରମରେ ପରବର୍ତ୍ତୀ ହୋଇଥିବ, ସେହି ତାରିଖଠାରୁ ତାଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ,

**ପରନ୍ତୁ,** ମହିଳାମାନଙ୍କୁ ଏପରି ଅଗ୍ରାଧିକାର ଦିଆଯିବ ଯେ, ଯାହା ଫଳରେ ହିତାଧିକାରୀମାନଙ୍କ ମଧ୍ୟରୁ ଅନ୍ତତଃ ଏକତୃତୀୟାଂଶ ହେବେ ସେହିସବୁ ମହିଳା, ଯେ କି ଏହି ଆଇନ୍ ଅନୁସାରେ ପଞ୍ଜିକୃତ ହୋଇଥିବେ ଏବଂ କାମପାଇଁ ଦରଖାସ୍ତ କରିଥିବେ ।

୭. କାମ ପାଇଁ ଦରଖାସ୍ତ ଅତିକମ୍‌ରେ ୧୪ଦିନର ନିରବଚ୍ଛିନ୍ନ କାମ ପାଇଁ ଉଦ୍ଦିଷ୍ଟ ହୋଇଥିବା ଦରକାର ।

୮. କେତେଦିନର କାମ ସକାଶେ ଜଣେ ବ୍ୟକ୍ତି ଦରଖାସ୍ତ କରିପାରିବ, ତହିଁର କୌଣସି ସୀମା ରହିବ ନାହିଁ, କିମ୍ବା ତାଙ୍କୁ କେତେଦିନର କାମ ପ୍ରକୃତପକ୍ଷେ ଯୋଗାଇ ଦିଆଯାଇଛି, ତହିଁର ମଧ୍ୟ କୌଣସି ସୀମା ନାହିଁ, କିନ୍ତୁ ଏହି ଦିନସଂଖ୍ୟା ଗୋଟିଏ ପରିବାରର ମୋଟ୍ ପ୍ରାପ୍ୟ ଭିତରେ ସୀମିତ ରହିବ ।

୯. ସ୍କିମ୍‌ରେ ବିନିର୍ଦ୍ଦିଷ୍ଟ ବିଧି ମତେ କାମ ପାଇଁ ଦରଖାସ୍ତ ଲିଖିତ ଆକାରରେ ଗ୍ରାମ ପଞ୍ଚାୟତ କିମ୍ବା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଦିଆଯାଇପାରେ ।

୧୦. ଯଥାସ୍ଥିତି ଗ୍ରାମ ପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀ ବିଧିମାନ୍ୟ ଦରଖାସ୍ତଗୁଡ଼ିକୁ ଗ୍ରହଣ କରିବାକୁ ଏବଂ ଦରଖାସ୍ତକାରୀଙ୍କୁ ତାରିଖ ସୂଚୀତ ଥିବା ପ୍ରାପ୍ତିସ୍ୱୀକାର ରସିଦ ଦେବାକୁ ବାଧ୍ୟ । ବ୍ୟକ୍ତିମାନଙ୍କ ସମୂହ ଦରଖାସ୍ତ ମଧ୍ୟ ଦାଖଲ କରା ଯାଇପାରିବ ।

୧୧. ଯେଉଁ ଆବେଦନକାରୀମାନଙ୍କୁ କାମ କରିବାକୁ ଦିଆଯିବ, ସେମାନଙ୍କୁ ଏ ବିଷୟରେ ଲିଖିତ ଆକାରରେ କାର୍ଯ୍ୟପତ୍ରରେ ସୂଚିତ ଠିକଣାରେ ଚିଠି ଜରିଆରେ ଜଣାଇ ଦିଆଯିବ ଏବଂ ଏହି ସୂଚନା ସର୍ବସାଧାରଣ ନୋଟିସ୍ ଆକାରରେ ଜିଲ୍ଲା, ବ୍ଲକ୍ ଓ ଗ୍ରାମ ସ୍ତରୀୟ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶୀତ କରାଯିବ ।

୧୨. ଦରଖାସ୍ତ କରିବା ସମୟରେ ଦରଖାସ୍ତକାରୀ ରହୁଥିବା ଗ୍ରାମର ପାଞ୍ଚ କିଲୋମିଟର ପରିଧି ଭିତରେ ଯଥାସମ୍ଭବ ତାଙ୍କୁ କାମ ଯୋଗାଇ ଦିଆଯିବ ।

୧୩. ଏହି ସ୍କିମ୍‌ରେ ଏକ ନୂତନ କାର୍ଯ୍ୟ ଆରମ୍ଭ କରାଯିବ, କେବଳ ଯଦି-

(ବ) ଅତି କମ୍‌ରେ ୫୦ ଜଣ ଶ୍ରମିକ ଏଭଳି କାମ କରିବାକୁ ମିଳନ୍ତି, ଏବଂ

(ଭ) ସଂପ୍ରତି ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକରେ ଏହି ଶ୍ରମିକମାନଙ୍କୁ ନିୟୋଜିତ କରାଯାଇ ପାରିବ ନାହିଁ ;

**ପରନ୍ତୁ,** ଏହି ସର୍ତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସେହିସବୁ ନୂତନ କାର୍ଯ୍ୟ ପାଇଁ ଲାଗୁ ହେବନି, ଯାହାକି ପାହାଡ଼ିଆ ଅଞ୍ଚଳ ଓ ବନୀକରଣ ସଂପର୍କୀତ ହୋଇଥିବ ।

୧୪. ଯଦି କର୍ମନିଯୁକ୍ତି ଉପରୋକ୍ତ ପରିଧି ବାହାରେ ଯୋଗାଇ ଦିଆଯାଏ, ତେବେ ତାହା ନିଶ୍ଚିତ ଭାବେ ସେହି ବ୍ଲକ ପରିଧି ଭିତରେ ହିଁ ଦିଆଯିବ ଏବଂ ଶ୍ରମିକମାନଙ୍କୁ ଏଥିପାଇଁ ମଜୁରି ହାରର ଶତକଡା ୧୦ ଭାଗ ଅଧିକ ମଜୁରି ସେମାନଙ୍କ ଯିବାଆସିବା ଏବଂ ରହଣି ଭଳି ଅତିରିକ୍ତ ଖର୍ଚ୍ଚ ବାବଦକୁ ଦିଆଯିବ ।

୧୫. ସାଧାରଣତଃ କର୍ମନିଯୁକ୍ତିର ସମୟ-ଅବଧି ଲଗାତାର ୧୪ ଦିନ ପାଇଁ ହେବ; ସପ୍ତାହରେ ୬ ଦିନରୁ ଅଧିକ କାର୍ଯ୍ୟ ଦିଆଯିବ ନାହିଁ ।

୧୬. ଯେଉଁ ସବୁ ସ୍ଥିତିରେ ବେକାରୀ ଭତ୍ତା ଦିଆଯାଉଛି କିମ୍ବା ଦେବାକୁ ପଡ଼ିବ, ସେସବୁ ସ୍ଥିତିରେ କାର୍ଯ୍ୟକ୍ରମ ଅଧିକାରୀ ଲିଖିତ ଆକାରରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଜଣାଇବେ, ତାଙ୍କ ପକ୍ଷେ ଦରଖାସ୍ତକାରୀମାନଙ୍କ ପାଇଁ କାମ ଯୋଗାଇବା ବା ଯୋଗାଡ଼ କରି ନପାରିବାର କାରଣଗୁଡ଼ିକ କ'ଣ ।

୧୭. ଯେଉଁ କ୍ଷେତ୍ରରେ ବେକାରୀ ଭତ୍ତା ଦିଆଯାଇଥିବ, ସେ କ୍ଷେତ୍ରରେ କାହିଁକି କାମ ଦିଆଯାଇ ପାରିଲା ନାହିଁ, ତହିଁର ସକାରଣ ବ୍ୟାଖ୍ୟା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ତାଙ୍କ ବାର୍ଷିକ ବିବରଣୀରେ ରାଜ୍ୟ ପରିଷଦକୁ ଜଣାଇବେ ।

୧୮. ଅଗ୍ରୀମ ଦରଖାସ୍ତ ଦେବାର ପ୍ରାବଧାନ ସ୍କିମ୍‌ରେ ରହିବ, ଯାହାର ଅର୍ଥ ହେଉଛି, ଯେଉଁଦିନରୁ ଜଣେ ବ୍ୟକ୍ତି କାମ କରିବାକୁ ଇଚ୍ଛୁକ, ସେହି ତାରିଖ ଆସିବା ପୂର୍ବରୁ ସେ ଦରଖାସ୍ତ ଦାଖଲ କରିପାରିବେ ।

୧୯. ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏକାଧିକ ଦରଖାସ୍ତ ଦାଖଲ କରିବାର ପ୍ରାବଧାନ ସ୍କିମ୍‌ରେ ରଖାଯିବ, ପରନ୍ତୁ ଯେଉଁ ସବୁ ସମୟ-ଅବଧିଗୁଡ଼ିକ ପାଇଁ କର୍ମନିଯୁକ୍ତି ସେ ଚାହିଁଛନ୍ତି, ସେଗୁଡ଼ିକ ଯେପରି ପରସ୍ପର ଦ୍ୱାରା ଆବୃତ୍ତ ହୋଇନଥାନ୍ତି ।

୨୦. ଆବଣ୍ଟିତ କାର୍ଯ୍ୟପତ୍ର ଓ ପାସ୍‌ବୁକ୍ ତଥା ଗ୍ରାମ ପଞ୍ଚାୟତ ନିକଟରେ ପଞ୍ଜିକୃତ ପରିବାରର ମୁଖ୍ୟ ଓ ଅନ୍ୟ ସାବାଳକ ସଦସ୍ୟମାନଙ୍କ ନାମ, ବୟସ ଓ ଠିକଣା ସମ୍ବନ୍ଧୀୟ ସବିଶେଷ ବିବରଣୀ ବହନ କରିଥିବା ସେହିସବୁ ରେଜିଷ୍ଟର, ଭାଉଚର ଓ ଅନ୍ୟ ନଥିପତ୍ରଗୁଡ଼ିକୁ ସେହି ରୀତି ଓ ପଦ୍ଧତିରେ ଗ୍ରାମ ପଞ୍ଚାୟତ ରକ୍ଷଣାବେକ୍ଷଣ କରିବେ ବା କରାଇବେ, ଯାହାକି ସ୍କିମ୍ ଦ୍ୱାରା ବିନିର୍ଦ୍ଦିଷ୍ଟ ହୋଇ ଥାଇପାରେ ।

୨୧. ଗ୍ରାମ ପଞ୍ଚାୟତ ନିଜ ପାଖରେ ପଞ୍ଜିକୃତ ହୋଇଥିବା ପରିବାରଗୁଡ଼ିକ ଏବଂ ସେମାନଙ୍କ ସାବାଳକ ସଦସ୍ୟମାନଙ୍କ ନାମ ଓ ଠିକଣାର ତାଲିକା ବା ତାଲିକାସମୂହ ତଥା ଅନ୍ୟ ସେହିସବୁ ତଥ୍ୟ ସଂପୃକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ସେହି ସମୟାନ୍ତରରେ ଓ ସେହି ରୀତିରେ ପ୍ରେରଣ କରିବେ, ଯାହାକି ସ୍କିମ୍‌ରେ ବିନିର୍ଦ୍ଦିଷ୍ଟ ହୋଇପାରେ ।

୨୨. ଯେଉଁ ବ୍ୟକ୍ତିମାନଙ୍କୁ କାମ ଦିଆଯାଇଛି, ସେମାନଙ୍କ ତାଲିକା ଗ୍ରାମ ପଞ୍ଚାୟତର ନୋଟିସ୍ ବୋର୍ଡରେ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶୀତ ହେବ, ଏବଂ ଏହାଛଡ଼ା ସେହିସବୁ ସ୍ଥାନମାନଙ୍କରେ ଏହା ପ୍ରଦର୍ଶୀତ ହେବ, ଯାହାକି କାର୍ଯ୍ୟକ୍ରମ ଅଧିକାରୀଙ୍କ ମତରେ ଆବଶ୍ୟକ, ଏବଂ ଏହି ତାଲିକା ରାଜ୍ୟ ସରକାର ଏବଂ ଯେ କୌଣସି ଇଚ୍ଛୁକ ବ୍ୟକ୍ତିଙ୍କ ନିରୀକ୍ଷଣ ପାଇଁ ମୁକ୍ତ ରଖାଯିବ ।

୨୩. ଯଦି କେବେ ଗ୍ରାମ ପଞ୍ଚାୟତଙ୍କର ହୃଦ୍‌ବୋଧ ହୁଏ ଯେ, କୌଣସି ବ୍ୟକ୍ତି ମିଛ ସୂଚନା ଦେଇ ନିଜ ନାମକୁ ପଞ୍ଜିକୃତ କରାଇଛି, ତେବେ ସଂପୃକ୍ତ ବ୍ୟକ୍ତିର ନାମକୁ ରେଜିଷ୍ଟରରୁ କାଟିଦେବା ପାଇଁ ସେ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ଏବଂ ଦରଖାସ୍ତକାରୀଙ୍କୁ ତାଙ୍କ କାର୍ଯ୍ୟପତ୍ରକୁ ଫେରସ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇପାରିବେ ।

**ପରନ୍ତୁ,** ଦରଖାସ୍ତକାରୀଙ୍କୁ ଦୁଇଜଣ ନିରପେକ୍ଷ ବ୍ୟକ୍ତିଙ୍କ ଉପସ୍ଥିତିରେ ନିଜର ବୟାନ୍ ଦେବାର ସୁଯୋଗ ନଦେଇ ଏହି ଅନୁଚ୍ଛେଦ ଅଧୀନରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବନାହିଁ ।

୨୪. ସ୍କିମ୍ ଅଧୀନରେ ନିଯୁକ୍ତ କୌଣସି ବ୍ୟକ୍ତି ଯଦି ଏହି କର୍ମନିଯୁକ୍ତି କାରଣରୁ ବା କାମ କରୁଥିବା ସମୟରେ କୌଣସି ଦୁର୍ଘଟଣାରେ ଶାରିରୀକ ଭାବେ ଆହତ ହୁଅନ୍ତି, ତେବେ ସେ ସେହି ପ୍ରକାର ମାଗଣା ଡାକ୍ତରୀ ଚିକିତ୍ସା ପାଇବାକୁ ହକ୍‌ଦାର ହେବେ, ଯାହାକି ସ୍କିମ୍ ଅନୁଯାୟୀ ଗ୍ରହଣୀୟ ହୋଇଥିବ ।

୨୫. ଯେଉଁ ସ୍ଥଳେ ଆହତ ଶ୍ରମିକଙ୍କୁ ଡାକ୍ତରଖାନାରେ ଭର୍ତ୍ତିକରିବାର ଆବଶ୍ୟକ ପଡିବ, ସେପରି ସ୍ଥଳେ ରାଜ୍ୟ ସରକାର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ପାଇଁ ବ୍ୟବସ୍ଥା କରିବେ ଏବଂ ଏଥିସହ ଜଡିତ ରହିବା, ଚିକିତ୍ସା ଓ ଔଷଧ ସମେତ ଏକ ଦୈନିକ ଭତ୍ତା ପ୍ରଦାନ କରିବେ, ଯାହାର ପରିମାଣ ତାଙ୍କର ନିଯୁକ୍ତିକାଳୀନ ମଜୁରି ହାରର ଅଧାରୁ କମ୍ ହେବନି ।

୨୬. ଏହି ସ୍କିମ୍ ଅଧୀନରେ ନିଯୁକ୍ତ ଜଣେ ବ୍ୟକ୍ତି କାର୍ଯ୍ୟଯୋଗୁଁ ବା କାର୍ଯ୍ୟରତ ଥିବା ସମୟରେ ଯଦି ପ୍ରାଣ ହରାନ୍ତି କିମ୍ବା ସ୍ଥାୟୀରୂପରେ ଅକ୍ଷମ ହୁଅନ୍ତି, ତେବେ ତାଙ୍କୁ କାର୍ଯ୍ୟକାରକ ସଂସ୍ଥା ତରଫରୁ ୨୫ ହଜାର ଟଙ୍କା ହାରରେ ଅନୁକମ୍ପାମୂଳକ ପ୍ରାପ୍ୟ ପ୍ରଦାନ କରାଯିବ ବା ଏଭଳି ଏକ ଅର୍ଥରାଶି ପ୍ରଦାନ କରାଯିବ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ହୋଇପାରେ ଏବଂ ଏହି ଅର୍ଥରାଶି ଯଥାସ୍ଥିତି ମୃତକ ବା ପଙ୍ଗୁ ବ୍ୟକ୍ତିଙ୍କର ବୈଧାନିକ ଦାୟାଦଙ୍କୁ ପ୍ରଦାନ କରାଯିବ ।

୨୭. କାର୍ଯ୍ୟସ୍ଥଳରେ ନିରାପଦ ପାନୀୟ ଜଳ, ଶିଶୁମାନଙ୍କ ପାଇଁ ତଥା ମଝିରେମଝିରେ ବିଶ୍ରାମ ପାଇଁ ଛାୟାସ୍ଥଳ, ଚାଲୁଥିବା କାର୍ଯ୍ୟ ଯୋଗୁଁ ଘଟୁଥିବା ସାଧାରଣ ଆଘାତ ଏବଂ ସ୍ୱାସ୍ଥ୍ୟପ୍ରତି ଅନ୍ୟାନ୍ୟ ସମ୍ଭାବ୍ୟ କ୍ଷତିର ଜରୁରୀକାଳୀନ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସରଞ୍ଜାମ ବହନ କରୁଥିବା ପ୍ରାଥମିକ ଚିକିତ୍ସା ବାକ୍ସ କାର୍ଯ୍ୟସ୍ଥଳରେ ଉପଲବ୍‌ଧ ହେବ ।

୨୮. ଯଦି କାର୍ଯ୍ୟକ୍ଷେତ୍ରରେ ମହିଳା ଶ୍ରମିକମାନଙ୍କ ସହ ଥିବା ଛଅବର୍ଷରୁ କମ୍ ବୟସର ଶିଶୁଙ୍କ ସଂଖ୍ୟା ପାଞ୍ଚ କିମ୍ବା ଅଧିକ ହୋଇଥାଏ, ସେଭଳି ସ୍ଥିତିରେ ଏପ୍ରକାର ଶିଶୁମାନଙ୍କ ଯତ୍ନ ନେବା ପାଇଁ ସେମାନଙ୍କ ଭିତରୁ ଜଣେ ମହିଳା ଶ୍ରମିକଙ୍କୁ ଦାୟିତ୍ୱ ଦିଆଯିବାର ପ୍ରାବଧାନ କରାଯିବ ।

୨୯. ଅନୁଚ୍ଛେଦ ୨୮ ଅଧିନରେ ଯେଉଁ ବ୍ୟକ୍ତିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବ, ସେ ପ୍ରଚଳିତ ମଜୁରି ହାର ପାଇଁ ହକ୍‌ଦାର ହେବେ ।

୩୦. ଯଦି ସ୍କିମ୍‌ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ମଧରେ ମଜୁରି ଦିଆ ନଯାଏ, ତେବେ ମଜୁରି ପଇଠ ଆଇନ୍, ୧୯୩୬ (୧୯୩୬ର ୪)ର ପ୍ରାବଧାନ ଅନୁସାରେ ଶ୍ରମିକମାନେ କ୍ଷତିପୂରଣ ପାଇବା ପାଇଁ ହକ୍‌ଦାର ହେବେ ।

୩୧. ଏହି ସ୍କିମ୍ ଅଧୀନରେ ମଜୁରି ବିତରଣ ସଂପୂର୍ଣ୍ଣ ନଗଦ ଆକାରରେ କିମ୍ବା ନଗଦ ଓ ସାମଗ୍ରୀ ଆକାରରେ କରା ଯାଇପାରେ, ପରନ୍ତୁ, ମଜୁରିର ଅନ୍ୟୁନ ଏକ-ଚତୁର୍ଥାଂଶକୁ କେବଳ ନଗଦ ଆକାରରେ ପଇଠ କରାଯିବ ।

୩୨. କର୍ମନିଯୁକ୍ତି ଚାଲୁଥିବା ସମୟରେ ମଜୁରିର ଏକାଂଶକୁ ନଗଦ ଅର୍ଥ ଆକାରରେ ଦୈନିକ ଭିତ୍ତିରେ ପ୍ରଦାନ କରିବାର ବ୍ୟବସ୍ଥାକୁ ରାଜ୍ୟ ସରକାର ବିହିତ କରି ପାରନ୍ତି ।

୩୩. ଏକ ସ୍କିମ୍ ଅଧୀନରେ ନିଯୁକ୍ତ ବ୍ୟକ୍ତି ସହିତ ଯଦି ତା'ର ଶିଶୁସନ୍ତାନ ଆସିଥାଏ, ଏବଂ ସେ ଶିଶୁର ଯଦି ଦୁର୍ଘଟଣାବଶତଃ କିଛି କ୍ଷତି ଘଟେ, ତେବେ ସେହି ବ୍ୟକ୍ତି ନିଜ ଶିଶୁଟିର ମାଗଣା ଡାକ୍ତରୀ ଚିକିତ୍ସା ପାଇଁ ସେହିସବୁ ସୁବିଧାର ହକ୍‌ଦାର ହେବେ, ଯାହାକି ସ୍କିମ୍‌ରେ ବିନିର୍ଦ୍ଦିଷ୍ଟ ହୋଇପାରେ, ଏବଂ ଯଦି ଶିଶୁଟି ମରିଯାଏ କି ପଙ୍ଗୁ ହୋଇପଡେ, ତେବେ ସେହି ବ୍ୟକ୍ତି ସେହି ଅନୁକମ୍ପାମୂଳକ ଅର୍ଥରାଶି ପାଇବାକୁ ହକ୍‌ଦାର ହେବେ, ଯାହାକି ରାଜ୍ୟ ସରକାର ନିର୍ଦ୍ଧାରଣ କରିପାରନ୍ତି ।

୩୪. ଏହି ସ୍କିମ୍ ଅଧୀନସ୍ଥ କୌଣସି କର୍ମନିଯୁକ୍ତିରେ ଏପରି କୌଣସି ବାଛବିଚାର କରାଯିବ ନାହିଁ, ଯାହାକି କେବଳ ଲିଙ୍ଗ ଉପରେ ଆଧାରିତ, ଏବଂ ସମାନ ମଜୁରି ଆଇନ୍, ୧୯୭୬ (୧୯୭୬ର ୨)ର ପ୍ରାବଧାନଗୁଡିକ ଅନୁପାଳିତ ହେବ ।

**ବି.ଏ. ଅଗ୍ରୱାଲ**

**ଅତିରିକ୍ତ ସଚୀବ, ଭାରତ ସରକାର**